## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସ୍ୱାମୀ ବିବେକାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି ପକ୍ଷରୁ ୩ ଦିନିଆ ଟ୍ରେନିଂ କାର୍ଯ୍ୟକ୍ରମ, ସ୍କୁଲ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୯ଟା ୩୦।
- 'ମନୋଜ ଦାସ ସ୍ମୃତି ସଂସଦ' ଦ୍ୱାରା ସ୍ମୃତି ସଭା, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଓଡ଼ିଶାର ବରପୁତ୍ରମାନଙ୍କ ଜୀବନୀ ଉପରେ ଆଧାରିତ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲକାଟୀ**

- ଶ୍ରୀ ଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥଙ୍କର ବାର୍ଷିକ ବିଷ୍ଣୁ ମହାଯଜ୍ଞ, ଗଡ଼କଣ୍ଟୁଣିଆ ସୁଦର୍ଶନ ପୀଠ, ପୂର୍ବାହ୍ନ ୧୦ଟା ୩୦।

## ସଂକ୍ଷେପରେ

### ଏମ୍ସ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ

**ଭୁବନେଶ୍ୱର, ୨୪।୪ (ବ୍ୟୁରୋ):** ଗାଡ଼ି ସାଇଡ୍‌ମରାକୁ ନେଇ ଏମ୍ସ ନିକଟବର୍ତ୍ତୀ ସୁଆଙ୍ଗ ପଡିଆଠାରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ବ୍ୟକ୍ତି ଜଣଙ୍କ ହେଲେ ଭୁବନେଶ୍ୱର ଏମ୍ସରେ ଜୁନିୟର ଆଡମିନିଷ୍ଟ୍ରେଟିଭ ଅଫିସର ଭାବେ କାର୍ଯ୍ୟରତ ପ୍ରବୀଣ କୁମାର ପାଠକ। ଦୁର୍ବୃତ୍ତଙ୍କ ଆକ୍ରମଣରେ ପ୍ରବୀଣ ସାମାନ୍ୟ ଆହତ ହେବା ସହ ତାଙ୍କଠାରୁ ସୁନା ଚେନ୍ ଲୁଟ ହୋଇଥିବା ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ପ୍ରବୀଣ ଶନିବାର ରାତି ୧୦ଟାବେଳେ ସୁଆଙ୍ଗ ନିକଟରେ ଘରଭଡା ପାଇଁ ଘର ଦେଖିବାକୁ ଯାଇଥିଲେ। ଫେରିବା ସମୟରେ ଉକ୍ତ ଅଞ୍ଚଳରେ ଜଣେ ସ୍କୁଟି ଚାଳକ ତାଙ୍କୁ ସାଇଡ୍ ମାରିଥିଲା। ପ୍ରବୀଣ ଏହାକୁ ପ୍ରତିବାଦ କରିବାରୁ ଚାଳକ ଓ ସହଯୋଗୀ ତାଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ।

### ଡିସିଓଏର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୨୪।୪(ବ୍ୟୁରୋ) ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ (ଡିସିଓଏ)ର ବାର୍ଷିକ ସାଧାରଣ ସଭା ଶନିବାର ସ୍ଥାନୀୟ ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରସ୍ଥିତ ଦୁର୍ଗାମଣ୍ଡପ ପରିସରରେ ଡିସିଓଏର ସଭାପତି ପ୍ରକାଶ ଚନ୍ଦ୍ର ବିଜୁଳିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଡିସିଓଏର ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ, ଉପଦେଷ୍ଟା ଦାମୋଦର ପ୍ରଧାନୀ, ସଦସ୍ୟ ସଞ୍ଜୟ ସାହାଣୀ, ରବୀନ୍ଦ୍ର ପାଢ଼ୀ, ବିଜୟ କୁମାର ରାଉତ, ମହେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡିସିଓଏର ଯୁଗ୍ମ ସମ୍ପାଦକ ଜଗବନ୍ଧୁ ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ଡିସିଓଏ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ନୂତନ ସଭାପତି ଭାବେ ପ୍ରକାଶ ଚନ୍ଦ୍ର ବିଜୁଳି, ଉପସଭାପତି ଖଗେଶ୍ୱର ଖଣ୍ଡାୟତରାୟ, ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ, ସହସମ୍ପାଦକ ଜଗବନ୍ଧୁ ବେହେରା, କୋଷାଧ୍ୟକ୍ଷ ଅଭୟ ନାୟକ, ଉପଦେଷ୍ଟା ଦାମୋଦର ପ୍ରଧାନୀ ଓ ବିରଞ୍ଚି ନାରାୟଣ ଷେଣ୍ଡ ବାର୍ତ୍ତା ସମ୍ପାଦକ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ ସଦସ୍ୟ ରବୀନ୍ଦ୍ର ପାଢ଼ୀ, ସଞ୍ଜୟ ସାହାଣୀ, ବିଜୟ ରାଉତ, ମହେଶ ଚନ୍ଦ୍ର ସାହୁ, ପ୍ରଦୀପ୍ତ ସାହୁ, ସୁବାସ ଚନ୍ଦ୍ର ମହାନ୍ତି, ଅଚିନ୍ତ୍ୟ ମହାନ୍ତି, ମଦନମୋହନ ପଣ୍ଡା, ସୁରେଶ ଚନ୍ଦ୍ର ଭୋଳ ଓ ଗୋବର୍ଦ୍ଧନ ସାହୁ ନିର୍ବାଚିତ ହୋଇଥିଲେ।

# ୪୩.୩ ଡିଗ୍ରୀରେ ଭୁବନେଶ୍ୱର | ଛଟପଟ ରାଜଧାନୀର ଜନଜୀବନ

**ଭୁବନେଶ୍ୱର, ୨୪।୪ (ବ୍ୟୁରୋ)**

ପ୍ରବଳ ଖରା ସାଙ୍ଗକୁ ଗରମ ପବନରେ ତାତି ଯାଉଛି କଂକ୍ରିଟ ସହର ରାଜଧାନୀ ଭୁବନେଶ୍ୱର। ସକାଳ ୧୦ଟାରୁ ସ୍ଥିତି ଅସମ୍ଭାଳ ହୋଇପଡୁଛି। ଶନିବାର ସହରର ସର୍ବାଧିକ ତାପମାତ୍ରା ୪୧.୭ ଡିଗ୍ରୀ ରହିଥିବାବେଳେ ରବିବାର ତାପମାତ୍ରା ବିଗତ ବର୍ଷର ରେକର୍ଡ ଭାଙ୍ଗି ୪୩.୩ ଡିଗ୍ରୀ ଛୁଇଁଛି। ଫଳରେ ଆକାଶରୁ ଅଗ୍ନି ବର୍ଷା ହେବା ଭଳି ଅନୁଭବ ପାଇଥିଲେ ସହରବାସୀ। ଏପ୍ରିଲର ଏହି ଅସହ୍ୟ ତାତିରେ ଅସ୍ତବ୍ୟସ୍ତ ହୋଇପଡିଥିଲା ରାଜଧାନୀର ଜନଜୀବନ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଥିବାବେଳେ କର୍ମଜୀବୀଙ୍କଠାରୁ ଦିନମଜୁରିଆ, ଛାତ୍ରୀଛାତ୍ର ସମସ୍ତେ ତାତିରେ ଆଉଟୁପାଉଟୁ ହେଉଛନ୍ତି। ଖରାରେ ବୁଲା ବିକାଳିଟିଏ ଗୁଜୁରାଣ ମେଣ୍ଟାଇବା ପାଇଁ ବୁଲୁଥିଲେ ମଧ୍ୟ ଲୋକ ନ ଥିବାରୁ ବେପାର କରିପାରୁନି। ରାସ୍ତା କଡ଼ରେ ଠେଲାଗାଡ଼ି ଧରି ଠିଆ ହୋଇଥିବା ବେପାରିଙ୍କ ଯନ୍ତ୍ରଣା ମଧ୍ୟ କିଛି କମ୍ ନୁହେଁ। ତେବେ ଖରାରେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜଳଛତ୍ର ଖୋଲାଯିବା ସହ ବିଭିନ୍ନ ଛକ ସ୍ଥାନରେ ପଥଚାରୀଙ୍କୁ ପାନୀୟ ଜଳ ପ୍ରଦାନ କରାଯାଉଛି। ସେହିଭଳି ବୁଲା ଜୀବଜନ୍ତୁଙ୍କୁ ଖାଦ୍ୟ ପାନୀୟ ଯୋଗାଇବା ପରି ମହତ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି।


ଭୁବନେଶ୍ୱର ଲୋୟର ପିଏମ୍‌ଜି ରାସ୍ତାର ଦୃଶ୍ୟ ।

### ବଢୁଛି ମୃଦୁ ପାନୀୟ ଚାହିଦା

ପ୍ରବଳ ଖରାରେ ଚୁସ୍‌କି ଓ କୁଲଫିର ମଜା ନେଉଛନ୍ତି ସହରବାସୀ। ସେହିପରି ଆଖୁରସ, ଲେମ୍ବୁପାଣି, ପୋଦିନା ପାଣି, ଘୋଳ ଦହି ଏବଂ ଅନ୍ୟାନ୍ୟ ମୃଦୁ ପାନୀୟକୁ ଖୁବ୍ ପସନ୍ଦ କରୁଛନ୍ତି। ପୂର୍ବରୁ ଲେମ୍ବୁ ପାଣି ଗ୍ଲାସ୍ ୧୦ଟଙ୍କାରେ ମିଳୁଥିଲା। ମାତ୍ର ଲେମ୍ବୁର ଅହେତୁକ ଦରବୃଦ୍ଧି କାରଣରୁ ଏବେ ଗୋଟେ ଗ୍ଲାସ ପାଣି ୧୫ରୁ ୨୦ଟଙ୍କାରେ ବିକ୍ରି ହେଉଛି। ସେହିପରି ଲସି ଚାହିଦା ମଧ୍ୟ କିଛି କମ୍ ନୁହେଁ। ସ୍ୱାଦ ଅନୁସାରେ ଗ୍ରାହକଙ୍କୁ ବିଭିନ୍ନ ଲସି ସେଣ୍ଟରରେ ଲସି ପରସା ଯାଉଛି । ଯାହାକୁ ପିଇ ଲୋକମାନେ ଖରାରୁ କିଛି ସମୟ ପାଇଁ ଆଶ୍ୱସ୍ତି ଲାଭ କରୁଛନ୍ତି।

### ତରଭୂଜ ଓ ତାଳସଜର ପସରା

ରାସ୍ତାକଡ଼ରେ ପସରା ମେଲିଥିବା ତରଭୂଜର ବେଶ୍ ଚାହିଦା ରହିଛି। କିଲୋପ୍ରତି ୨୫ରୁ ୩୦ଟଙ୍କା ଦରରେ ତରଭୂଜ ବିକ୍ରି ହେଉଛି। ଏଥିରେ ପ୍ରଚୁର ପରିମାଣରେ ଜଳୀୟଅଂଶ ରହୁଥିବାରୁ ଏବଂ ମିଠା ହୋଇଥିବାରୁ ଏହା ଛୋଟ ପିଲାଠାରୁ ବଡ଼ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରିୟ। ଅନୁରୂପ ଭାବେ ରାସ୍ତା କଡ଼ରେ ତାଳସଜର ପସରା ମଧ୍ୟ ଦେଖିବାକୁ ମିଳୁଛି। ସହରର ପ୍ରମୁଖ ଛକଗୁଡିକରେ ବେପାରୀମାନେ ତାଳସଜ ଧରି ବିକ୍ରି କରୁଛନ୍ତି। ଗୋଟାକୁ ୨୦ଟଙ୍କା, ୩ଟାକୁ ୫୦ ଓ ୬ଟା ତାଳସଜକୁ ୧୦୦ଟଙ୍କାରେ ବିକ୍ରି ହେଉଛି।


ଭୁବନେଶ୍ୱର ଏବେ କଂକ୍ରିଟ ସହରରେ ପରିଣତ ହୋଇଛି। ଦିନକୁ ଦିନ ଅସହ୍ୟ ତାତିରେ ଆଉଟୁ ପାଉଟୁ ହେବାକୁ ପଡୁଛି। ଯେତେ ଖରା ହେଲେ ବି କର୍ମଜୀବି, ବୁଲା ବିକାଳୀ, ଦିନମଜୁରିଆ ଏମାନଙ୍କୁ ନିଜର ଗୁଜୁରାଣ ମେଣ୍ଟାଇବାକୁ ବାହାରକୁ ବାହାରିବାକୁ ପଡୁଛି। ମାତ୍ର ସବୁଜିମା ନଷ୍ଟ ହେଉଥିବାରୁ ପଥଚାରୀମାନଙ୍କୁ ଛାଇ ଟିକେ ମିଳିପାରୁ ନାହିଁ। ତେଣୁ ଏବେଠାରୁ ଆମକୁ ସଚେତନ ହେବାକୁ ପଡିବ। ବୃକ୍ଷରୋପଣ ସହ ପ୍ରଦୂଷଣକୁ ରୋକିବାକୁ ପ୍ରୟାସ କରିବାକୁ ପଡିବ।

**-ବିଷ୍ଣୁପ୍ରିୟା ଜେନା, କର୍ମଜୀବି**


ପ୍ରଚଣ୍ଡ ଖରା ଯୋଗୁ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ହଇରାଣ ହେଉଛନ୍ତି। ତା' ସାଙ୍ଗକୁ ବାରମ୍ବାର ବିଦ୍ୟୁତ୍ କାଟ ସ୍ଥିତିକୁ ଅସମ୍ଭାଳ କରି ଦେଉଛି। ଏବେ ସ୍କୁଲ ଚାଲୁଥିବାରୁ କୁନିକୁନି ପିଲାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଖରାଛୁଟି କରିବା ପାଇଁ ସରକାର ଚିନ୍ତା କରିବା ଆବଶ୍ୟକ। ସେହିପରି ରାସ୍ତାକଡ଼ରେ ଅଧିକ ଜଳଛତ୍ର ଖୋଲିବା ସହ ପଶୁପକ୍ଷୀଙ୍କ ପାଇଁ ପାନୀୟ ବ୍ୟବସ୍ଥା କରାଯିବା ଦରକାର।

**-ଅମିତ୍ କୁମାର ପ୍ରଧାନ, ଅଧ୍ୟାପକ**


ସ୍ୱେଚ୍ଛାସେବୀମାନେ ଜଳଦାନ କରୁଛନ୍ତି।



ମେୟର ସୁଲୋଚନା ଦାସ ପଶୁପକ୍ଷୀଙ୍କ ପାଇଁ ଜଳଦାନ ବ୍ୟବସ୍ଥାର ଶୁଭାରମ୍ଭ କରୁଛନ୍ତି।

## ସଚେତନ କଲା ବିଏମ୍‌ସି

**ଭୁବନେଶ୍ୱର, ୨୪।୪ (ବ୍ୟୁରୋ)**

ବିଭିନ୍ନ ଅନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ୧୩୬ଟି ଜଳଛତ୍ର ଖୋଲା ଯାଇଥିଲା। ମାତ୍ର ଏବେ ଖରାକୁ ଦେଖି ତାହା ୧୬୬କୁ ବୃଦ୍ଧି କରାଯାଇଛି। ବିଏମ୍‌ସି ପକ୍ଷରୁ ହିଟ୍‌ୱେଭ୍ ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ଏଥିପାଇଁ ରବିବାର ଠାରୁ ସହରର ୩ଟି ଜୋନ୍‌ରେ ଗୋଟିଏ ଲେଖାଏଁ ସଚେତନତା ଗାଡ଼ି ବୁଲୁଛି। ଅତି ଆବଶ୍ୟକ ନ ହେଲେ ଦିନ ୧୧ଟା ପରେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଉଛି। ଯଦି କୌଣସି କାମରେ ଘରୁ ବାହାରିବେ ତେବେ ସାଙ୍ଗରେ ଛତା, କଳା ଚଷମା, ପାଣି ବୋତଲ ଆଦି ନେଇ ବାହାରନ୍ତୁ। ଅଂଶୁଘାତ ଜନିତ କୌଣସି ସମସ୍ୟା ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ଯାଆନ୍ତୁ। ନଟେଡ୍ ଟୋଲ୍ ଫ୍ରି ନଂ ୧୯୨୯କୁ କଲ୍ କରି ସୂଚନା ଦେବା ପାଇଁ ପରାମର୍ଶ ଦିଆଯାଉଛି। ସେହିପରି ଖରା ସମୟରେ ଦିନ ମଜୁରିଆମାନେ କାମ କରୁଥିଲେ ସେମାନଙ୍କ ପାଇଁ ଯଥେଷ୍ଟ ପାନୀୟ ଜଳର ବ୍ୟବସ୍ଥା କରାଯାଉଛି ବୋଲି ବିଏମ୍‌ସି ଡେପୁଟି କମିଶନର (ସୋସିଆଲ ୱେଲଫେୟାର) ରମେଶ ଚନ୍ଦ୍ର ଜେନା କହିଛନ୍ତି।

## ପ୍ରଦୂଷଣ ମୁକ୍ତ ପରିବେଶ ପାଇଁ ସାଇକେଲ ଶୋଭାଯାତ୍ରା




**ଭୁବନେଶ୍ୱର, ୨୪।୪ (ବ୍ୟୁରୋ)**

ଭୁବନେଶ୍ୱର ଦେଶର ପ୍ରଦୂଷିତ ମହାନଗର ତାଲିକାରେ ରହିଛି। ତେଣୁ ପ୍ରଦୂଷଣମୁକ୍ତ ପରିବେଶର ବାର୍ତ୍ତା ନେଇ ରବିବାର ଏଠାରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନ୍ୟାଶନାଲ ହକର ଫେଡେରେଶନ ସହବନ୍ଧିତ ଓଡିଶା ପଥବିକ୍ରେତା ସଂଘ ଓ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଏବଂ ଭେଣ୍ଡିଂ ଜୋନ୍ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ସଚେତନତା ଶୋଭାଯାତ୍ରାର ଥିମ୍ ରହିଥିଲା 'ପେଡାଲ ଫର୍ ପିପୁଲ ଆଣ୍ଡ ପ୍ଲାନେଟ୍'। ଏହା ରସୁଲଗଡ଼ ଛକରୁ ବାହାରି କଳ୍ପନା ଛକ ପର୍ଯ୍ୟନ୍ତ ଯାଇଥିଲା। ପରିବେଶକୁ ପ୍ରଦୂଷଣମୁକ୍ତ କଲେ ହିଁ ଆମେ ଓ ଆମ ଭବିଷ୍ୟତ ସୁରକ୍ଷିତ ତଥା ସୁସ୍ଥ ରହିପାରିବ ବୋଲି ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯାଇଥିଲା। ନ୍ୟାଶନାଲ ହକର ଫେଡେରେଶନର ସର୍ବଭାରତୀୟ ଅତିରିକ୍ତ ସାଧାରଣ ସମ୍ପାଦକ ତଥା ଓଡିଶା ପଥବିକ୍ରେତା ସଂଘ ସଭାପତି ଜୟନ୍ତ ଦାସ, ଭୁବନେଶର ପଥବିକ୍ରେତା ସଂଘ ସାଧାରଣ ସମ୍ପାଦକ ପ୍ରବୋଧ ପଣ୍ଡା, ସହସମ୍ପାଦକ ସଙ୍ଗୀତା କିଶାନ, ନିଖିଳ ଉତ୍କଳ କ୍ଷୁଦ୍ରବ୍ୟବସାୟୀ ଓ ଭେଣ୍ଡିଙ୍ଗ ଜୋନ ସୁରକ୍ଷା ଟ୍ରଷ୍ଟ ସାଧାରଣ ସମ୍ପାଦକ ଅନୁଜ ପ୍ରଧାନ, ଉପସଭାପତି ନିରଞ୍ଜନ ପାଣ୍ଡେ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

### ଓଇଆରସି ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦାବି କଲା ସମାଜବାଦୀ ପାର୍ଟି

**ଭୁବନେଶ୍ୱର,୨୪।୪(ବ୍ୟୁରୋ):** ରାଜ୍ୟରେ ଗ୍ରୀଷ୍ମ ଲହର ଯୋଗୁ ଅସହ୍ୟ ତାତି ଅନୁଭୂତ ହେଉଥିବାବେଳେ ଘନଘନ ଅଘୋଷିତ ବିଜୁଳି କାଟ୍ ଲୋକଙ୍କୁ ଅତିଷ୍ଠ କରିଛି। ଏଣୁ ସରକାର ଏ ଦିଗରେ ଉଚିତ ପଦକ୍ଷେପ ନେବା ସହିତ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ର ଅଧ୍ୟକ୍ଷ ପଦବୀରେ ସ୍ଥାୟୀ ନିଯୁକ୍ତି ଦେବାପାଇଁ ସମାଜବାଦୀ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଏନେଇ ଦଳର ରାଜ୍ୟ ସଭାପତି ରବି ବେହେରା କହିଛନ୍ତି, ଦୀର୍ଘ ୩ ମାସ ହେଲା ବିଜୁଳି ବିଭାଗର ସର୍ବୋଚ୍ଚ ସଂସ୍ଥା ଓଇଆରସିର ଅଧ୍ୟକ୍ଷ ପଦ ଖାଲି ପଡ଼ିଛି। ୯୨ଲକ୍ଷ ଗ୍ରାହକ ବିଜୁଳି ସମସ୍ୟାର ସମାଧାନ ପାଇଁ କାହା ପାଖକୁ ଯିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ମାଟ୍ରିକ୍ ପରୀକ୍ଷା ଓ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବା ହେତୁ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଜୁଳି କାଟ ବନ୍ଦ ରଖିବା ପାଇଁ ରାଜ୍ୟ ସରକାର ତୁରନ୍ତ ଟାଟା ପାୱାରକୁ ନିର୍ଦ୍ଦେଶ ଦେବାକୁ ସେ ଦାବି କରିଛନ୍ତି।

## ରୁକୁଣା ରଥରୁ କ୍ରେନ୍‌ରେ ଗଲା ବ୍ରହ୍ମା ମୂର୍ତ୍ତି



**ପୁରୁଣା ଭୁବନେଶ୍ୱର,୨୪।୪ (ଡି.ଏନ୍.ଏ.)**

ଚଳିତ ବର୍ଷ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାରେ ବିଭିନ୍ନ ବ୍ୟତିକ୍ରମ ଦେଖାଦେଇଥିବା ବେଳେ ରଥ ଖୋଲାଯିବା ବେଳେ ମଧ୍ୟ ସମାନ କଥା ଦେଖିବାକୁ ମିଳିଛି। ରଥରେ ଥିବା ବ୍ରହ୍ମା ମୂର୍ତ୍ତିକୁ ରବିବାର ମନ୍ଦିର ପ୍ରଶାସନ ପକ୍ଷରୁ କ୍ରେନ୍ ମାଧ୍ୟମରେ ସିଂହଦ୍ୱାର ନିକଟକୁ ନିଆଯାଇଥିଲା, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏହି କାର୍ଯ୍ୟ ଭୋଇ ସେବାୟତଙ୍କ ଦ୍ୱାରା ସମ୍ପାଦନ କରାଯିବାକୁ ଥିବା ବେଳେ କ୍ରେନ୍ ମାଧ୍ୟମରେ ନେବା ପ୍ରଶାସନର ଦୁର୍ବଳତାକୁ ପଦାରେ ପକାଉଛି। ୬୦ବର୍ଷ ମଧ୍ୟରେ ଦିଅଁଙ୍କୁ ଏଭଳି ନିଆଯାଇ ନ ଥିଲା। ଗତବର୍ଷ ଦିଅଁଙ୍କୁ ତଳେ ଗଡ଼ାଇ ନିଆଯାଇଥିଲା ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି।

## 'ଅବସରପ୍ରାପ୍ତ ଶିକ୍ଷକମାନେ ସାମାଜିକ ପରିବର୍ତ୍ତନର ମାର୍ଗଦର୍ଶକ ହୁଅନ୍ତୁ'

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**

ଓଡ଼ିଶା ସରକାରୀ ମହାବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ସଂଘର ସାଧାରଣ ଅଧିବେଶନ ରବିବାର ସିୱାଇଏସ୍‌ଡିଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବସନ୍ତ କୁମାର ଚୌଧୁରୀଙ୍କ ପୌରୋହିତରେ ଅନୁଷ୍ଠିତ ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକମାନେ ଶିକ୍ଷାର ଗୁଣାତ୍ମକ ବିକାଶ ସହ ସାମାଜିକ ପରିବର୍ତ୍ତନରେ ସକ୍ରିୟ ମାର୍ଗଦର୍ଶକ ହେବା ପାଇଁ ଆହ୍ୱାନ ଦେଇଥିଲେ। ସମାଜରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟାର ନିର୍ଭିକ ଆଲୋଚନା କରି ସମାଧାନର ପନ୍ଥା ଦେଖାଇବା ପାଇଁ ମନ୍ତ୍ରୀ ନିବେଦନ କରିଥିଲେ। ସିୱାଇଏସ୍‌ଡିର ସହପ୍ରତିଷ୍ଠାତା ଜଗଦାନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ, ସମାଜର ପରିବର୍ତ୍ତନରେ ଅବସରପ୍ରାପ୍ତ ଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି। ରାଜ୍ୟ ସରକାର ସେମାନଙ୍କ ଅଭିଜ୍ଞତାକୁ ବିନିଯୋଗ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ମହାପତ୍ର ସମ୍ପାଦକୀୟ ବିବରଣୀ ପାଠ କରି ସଂଘ ପାଇଁ ଭୁବନେଶ୍ୱରରେ ଏକ ଜମି ଏବଂ ଗୃହ, ଚିକିତ୍ସା ଭତା ପ୍ରଦାନ, ପେନ୍‌ସନ ପ୍ରଦାନ କ୍ଷେତ୍ରରେ ଅସୁବିଧା ଦୂର ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଶିକ୍ଷା ବ୍ୟବସ୍ଥାରେ ଅଭିଜ୍ଞ ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ସାମିଲ କରିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ସଂଘର ନ୍ୟୁଜ୍ ବୁଲେଟିନ୍‌କୁ ମନ୍ତ୍ରୀ ଲୋକାର୍ପଣ କରିଥିଲେ। ବରିଷ୍ଠ ଶିକ୍ଷକ ଅମୂଲ୍ୟ କୁମାର ପଣ୍ଡା ଏବଂ ପ୍ରଫେସର ବନବିହାରୀ ଚୌଧୁରୀଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ସେମାନଙ୍କ ଅନୁପସ୍ଥିତିରେ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭାପତି ବସନ୍ତ କୁମାର ଚୌଧୁରୀ ଅବସରପ୍ରାପ୍ତ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ସଂଘ ଉପଦେଷ୍ଟା କାଞ୍ଚନବାଳା ପଟ୍ଟନାୟକ ସ୍ୱାଗତ ଭାଷଣ, ଅମିୟ କୁମାର ମାହାନ୍ତି ଅତିଥି ପରିଚୟ ଓ ଅଭୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## 'ଫେସେସ୍ ଅଫ୍ ଇନ୍‌ଇକ୍ୱାଲିଟି'ରେ ସ୍ୱରହୀନଙ୍କ ବ୍ୟଥା

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**

ଭାରତରେ ଅବହେଳିତ ହୋଇ ରହିଥିବା ସ୍ୱରହୀନଙ୍କ କଥା ଓ ବ୍ୟଥା ସାଧାରଣତଃ ଗଣମାଧ୍ୟମରେ ଗୁରୁତ୍ୱ ବହନ କରୁ ନାହିଁ। ଏଭଳି ସ୍ଥଳେ ଅସମାନତାର ବାସ୍ତବ ଛବିକୁ ନେଇ ସାମ୍ବାଦିକ ପ୍ରଦୀପ ବୈଶାଖଙ୍କ ପୁସ୍ତକ 'ଫେସେସ୍ ଅଫ୍ ଇନ୍‌ଇକ୍ୱାଲିଟି: ଷ୍ଟୋରିଜ ଅଫ୍ ଦ ପୋର୍ ଆଣ୍ଡ ଅଣ୍ଡରପ୍ରିଭିଲେଜଡ୍ ଫ୍ରମ୍ ଇଣ୍ଡିଆଜ୍ ଗ୍ରାସରୁଟ୍‌ସ' ଏକ ଦିଗବାରେଣୀ ବୋଲି ଏହାର ଉନ୍ମୋଚନ ଅବସରରେ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି।

ରବିବାର ସୂଚନା ଭବନ ପ୍ରଦର୍ଶନୀ ହଲ୍‌ରେ ଏହି ବହି ଉନ୍ମୋଚନ ଓ ଏହାର ବିଷୟବସ୍ତୁର କିୟଦଂଶକୁ ନେଇ ହୋଇଥିବା ଆଲୋଚନା ଚକ୍ରରେ ସାମ୍ବାଦିକ ରବି ଦାସ, ଡେଭେଲପମେଣ୍ଟ ପ୍ରଫେଶନାଲ ଉମି ଡାନିଏଲ ଓ ସାମ୍ବାଦିକା ଶାରଦା ଲାହାଙ୍ଗିର ଭାଗ ନେଇଥିଲେ। ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗ୍ରାଉଣ୍ଡ ରିପୋର୍ଟିଂ ପରେ ପ୍ରଦୀପ ଏହି ପୁସ୍ତକକୁ ରଚନା କରିଛନ୍ତି। ଦାରିଦ୍ର୍ୟ ଓ ଅସମାନତାକୁ ନେଇ ଭାରତ ତଥା ବିଦେଶର ବିଭିନ୍ନ ଖବରକାଗଜ ଓ ପତ୍ରିକାରେ ଲେଖକଙ୍କ ତୃଣମୂଳ ଲେଖାଗୁଡ଼ିକ ସ୍ଥାନିତ ହୋଇଛି। 'ଓଡ଼ିଶାର ବିକାଶ ଅନ୍ତର୍ଭୁକ୍ତୀକରଣ କି' ଶୀର୍ଷକ ଆଲୋଚନା ବେଳେ ରବି ଦାସ କହିଥିଲେ, ସବୁ କ୍ଷେତ୍ରରେ ଅସମାନତା ବଢୁଛି। ସମ୍ପଦକୁ ଠିକ୍ ଭାବେ ବିନିଯୋଗ କରାଯାଇପାରିଲେ ପରିବର୍ତ୍ତନ ଆସିବ।



ସାମାଜିକ କର୍ମୀ ସନ୍ଦୀପ ପଟ୍ଟନାୟକ, ସାମ୍ବାଦିକ ଅକ୍ଷୟ ସାହୁ, ରବି ଦାସ, ଡେଭଲେପମେଣ୍ଟ ପ୍ରଫେସନାଲ ଉମି ଡାନିଏଲ୍, ସାରଦା ଲାହାଙ୍ଗିର ଓ ଲେଖକ ପ୍ରଦୀପ ବୈଶାଖ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ହାତପାଆନ୍ତାରେ ମୌଳିକ ଆବଶ୍ୟକତା ନ ମିଳିଲେ ବିକାଶରେ ଅନ୍ତର୍ଭୁକ୍ତୀକରଣ ଆସିପାରିବ ନାହିଁ ବୋଲି ଶାରଦା କହିଥିଲେ। ଏହି ପରିପ୍ରେକ୍ଷୀରେ ସେ କାଶୀପୁରରେ ଆମ୍ବଟାକୁଆ ଖାଇ ଲୋକଙ୍କ ମୃତ୍ୟୁ ଘଟଣା ଉଲ୍ଲେଖ କରିଥିଲେ। ଅନ୍ୟତମ ଆଲୋଚକ ଉମି ଡାନିଏଲ୍ ପ୍ରବାସୀ ଶ୍ରମିକଙ୍କ ଦୁଃଖ ଓ ଦକ୍ଷତା ବିକାଶ ଲାଗି ପ୍ରଶିକ୍ଷଣ ନେଉଥିବା ଯୁବତୀଯୁବକଙ୍କ ଅସହାୟତା ବିଷୟରେ ବଖାଣିଥିଲେ। ଓଡ଼ିଶାରେ ସିଲେଇ ଶିଖୁଥିବା ଯୁବତୀଙ୍କୁ ସମୁଦାୟ ଶାର୍ଟଟିଏ କରିବା ଲାଗି ସମ୍ପୂର୍ଣ୍ଣ ତାଲିମ ଦିଆଯାଇପାରୁ ନ ଥିବାରୁ ପରବର୍ତ୍ତୀ ସମୟରେ ସେ କିଭଳି ଅସହାୟ ହୋଇପଡୁଛନ୍ତି ତାହା ଦର୍ଶାଇଛନ୍ତି।

ଲେଖକ ପ୍ରଦୀପ ବଲାଙ୍ଗୀର ଜିଲାରେ ୨୦୦୯ରେ ଖିଣ୍ଟୁ ବରିହାଙ୍କ ପରିବାରର ଅନାହାର ମୃତ୍ୟୁକୁ ପ୍ରଥମେ 'ଧରିତ୍ରୀ' ପ୍ରକାଶ କରିଥିଲା ବୋଲି କହିଥିଲେ। କିନ୍ତୁ ପରେ ଏହି ଘଟଣାକୁ ମ୍ୟାଲେରିଆ ରୋଗରେ ମୃତ୍ୟୁ ଘଟିଥିବା ଅନ୍ୟାନ୍ୟ ଗଣମାଧ୍ୟମ ଓ ସରକାର ଘୋଷଣା କରିଥିଲେ ବୋଲି କହିଥିଲେ। ତେଣୁ ଏହିଭଳି ଅନେକ ଘଟଣାକୁ ଠିକ୍ ଭାବେ ଅନୁସନ୍ଧାନ କରି ପ୍ରକୃତ ଖବର କିଭଳି ଜାଣିହେବ ସେ ନେଇ ଏହି ପୁସ୍ତକ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ। ସାମ୍ବାଦିକ ଅକ୍ଷୟ ସାହୁ ମଞ୍ଚ ପରିଚାଳନା କରିବା ବେଳେ ଏ ଦିଗରେ ଗଣମାଧ୍ୟମର ଭୂମିକା ନେଇ କିଛି ତଥ୍ୟ ରଖିଥିଲେ। ତେବେ କିଛି ଖବରକାଗଜରେ କୋଭିଡ୍ ତଥ୍ୟକୁ ନେଇ ମତ ଦେବା ବେଳେ ଦର୍ଶକଙ୍କ ମଧ୍ୟରୁ ତାଙ୍କୁ ଅନ୍ୟ ଗଣମାଧ୍ୟମର ବାସ୍ତବ ସ୍ଥିତି ବାଢ଼ନ୍ତୁ ବୋଲି ସୂଚାଇ ଦିଆଯାଇଥିଲା। ତେବେ ପୁସ୍ତକ ଉନ୍ମୋଚନ ଓ ପ୍ୟାନେଲ ଆଲୋଚନା ଏକ ସକାରାତ୍ମକ ଦିଗରେ ହୋଇଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସନ୍ଦୀପ ପଟ୍ଟନାୟକ ଓ ଅଶୋକ ଦାସ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରେ ଡବଲ ମର୍ଡର

# ଅସହ୍ୟ ହେବାରୁ ହତ୍ୟା

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ହାଉସିଂବୋର୍ଡ ଡବଲ ମର୍ଡର ଘଟଣାକୁ ନେଇ ରାଜଧାନୀରେ ଚାଞ୍ଚଲ୍ୟ ଖେଳିଯାଇଛି। ସ୍ତ୍ରୀ ଗାୟତ୍ରୀ ଓ ଶାଳୀ ସରସ୍ୱତୀଙ୍କୁ ଅତି ଜଘନ୍ୟ ଭାବେ ହାଣି ହତ୍ୟା କରିବା ପରେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଅଞ୍ଚଳର ବିଜୟକେତନ ସେଠୀ ଗିରଫ ହୋଇଛନ୍ତି। ହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଜବତ କରିଥିବା ଚିଠି ଓ ଅଭିଯୋଗକୁ ନେଇ ପୋଲିସ ତଦନ୍ତକୁ ଆଗକୁ ବଢ଼ାଇଛି। ନିର୍ଯାତନା ଓ ଟାହି ଟାପରା ଅସହ୍ୟ ହେବାରୁ ମାନସିକ ଭାରସାମ୍ୟ ହରାଇ ବିଜୟକେତନ ଶେଷରେ ନିଜର ଅତି ଆପଣାର ମଣିଷର ଜୀବନ ନେଇଥିବା ଉକ୍ତ ଚିଠିରୁ ଜଣାପଡୁଛି। ପୁଣି ଘର ଭିତରେ ୪ଦିନ ମୃତଦେହ ରଖି ଜଗି ରହିବା ଘଟଣା ବେଶ୍ ହୃଦୟବିଦାରକ ହୋଇଛି।


ହତ୍ୟାକାଣ୍ଡ ଘଟିଥିବା ଘରେ ସମ୍ମୁଖରେ ଲୋକଙ୍କ ଭିଡ଼।

### ଯୋଜନାବଦ୍ଧ, ଟାଙ୍ଗିଆରେ ହାଣିଥିବା ସନ୍ଦେହ

ଉଭୟଙ୍କୁ ସବୁଦିନ ପାଇଁ ଦୁନିଆରୁ ହଟାଇବାକୁ ଯୋଜନା କରିଥିଲେ ବିଜୟ। ୨ ବର୍ଷ ହେବ ଗାଁରେ ରହୁଥିବା ସ୍ତ୍ରୀ ଗାୟତ୍ରୀଙ୍କୁ ଭୁବନେଶ୍ୱର ଆଣିଥିଲେ। ଗୁରୁବାର ଏକ ଘରୋଇ ହସ୍ପିଟାଲର ହଷ୍ଟେଲରେ ରହୁଥିବା ନର୍ସ ଶାଳୀ ସରସ୍ୱତୀଙ୍କୁ ଘରକୁ ଆଣିଥିଲେ। ତେଣୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଜଣାପଡୁଛି। ପୋଲିସ ତାଲା ଭାଙ୍ଗି ଘର ଭିତରେ ପଶିଲା ବେଳକୁ ଉକ୍ତ ସ୍ଥାନ ଦୁର୍ଗନ୍ଧରେ ଫାଟି ପଡୁଥିଲା। ଶାଳୀ ସରସ୍ୱତୀଙ୍କ ମୃତଦେହ ଦୁଆର ମୁହଁରେ ପଡ଼ିଥିବା ବେଳେ ସ୍ତ୍ରୀ ଗାୟତ୍ରୀଙ୍କ ମୃତଦେହ ରୋଷେଇ ଘର ଭିତରେ ପଡ଼ିଥିଲା। ବେକ ଓ ମୁଣ୍ଡରେ ଗଭୀର କ୍ଷତଚିହ୍ନ ଥିଲା। ଉକ୍ତ ଚିହ୍ନରୁ ବିଜୟ ଟାଙ୍ଗିଆରେ ଉଭୟଙ୍କୁ ଅତି ନୃଶଂସ ଭାବରେ ହାଣି ହତ୍ୟା କରିଥିବା ସନ୍ଦେହ କରୁଛି ପୋଲିସ। ହେଲେ ପ୍ରମାଣ ଯୋଗାଡ଼ ପାଇଁ ପୋଲିସ ଉକ୍ତ ମାରଣାସ୍ତ୍ର ପାଇବାକୁ ଉଦ୍ୟମ ଚଳାଇଛି।

### ହତ୍ୟା ସମୟରେ ଧସ୍ତାଧସ୍ତି

ଘର ଭିତରେ ସାଇଣ୍ଟିଫିକ୍ ଟିମ୍ ଏବଂ ପୋଲିସ ତଦନ୍ତ କରୁଥିବା ବେଳେ ଘର ସାରା ଚୁଡ଼ି ଓ ବିଭିନ୍ନ ସାମଗ୍ରୀ ବିଚ୍ଛୁରିତ ହୋଇ ପଡ଼ିଥିଲା। ଦୁଇ ମହିଳାଙ୍କ ହାତରେ ମଧ୍ୟ ଅଧିକାଂଶ ଚୁଡ଼ି ନ ଥିଲା। ଗାୟତ୍ରୀ ଓ ସରସ୍ୱତୀ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିବାବେଳେ ବିଜୟଙ୍କ ସହ ଧସ୍ତାଧସ୍ତି ହୋଇଥିବା ଅନୁମାନ କରାଯାଉଛି।

### ନୂଆ ଜୀବନ ଆରମ୍ଭରୁ ଦୁନିଆ ଛାଡ଼ିଲେ

ସୁଦାମଙ୍କ ଦୁଇ ଝିଅ। ବଡ଼ ଝିଅଙ୍କ ପରେ ସରସ୍ୱତୀଙ୍କୁ ଦୁଇମାସ ତଳେ କଟକରେ ବିବାହ କରାଇଥିଲେ। ପପୁଙ୍କ ହାତ ଧରି ଦୁନିଆ ଚାଲିବେ ବୋଲି ମଥାରେ ସିନ୍ଦୂର ପିନ୍ଧି ସରସ୍ୱତୀ ସ୍ୱପ୍ନ ଦେଖିଥିଲେ। ହେଲେ କିଏ ଜାଣିଥିଲା, ଏମିତି ଏକ ଦିନ ଆସିବ ହଠାତ୍ ତାଙ୍କୁ ଏ ଦୁନିଆ ଛାଡ଼ି ଚାଲିଯିବାକୁ ପଡ଼ିବ। ନୂଆ ଜୀବନ ଆରମ୍ଭ କରିବାର ଦିନ କେଇଟା ପରେ ସେ ଦୁନିଆ ଛାଡ଼ି ଚାଲିଯାଇଥିବାରୁ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

### ମୃତଦେହ ପାଖରେ ପାଣି, ପାଉଁରୁଟି

ବିଜୟ ନିଜ ସ୍ତ୍ରୀଙ୍କ ଉପରେ ଯେତିକି ରାଗୁଥିଲେ, ସେତିକି ଭଲ ମଧ୍ୟ ପାଉଥିଲେ। ମାନସିକ ଭାରସାମ୍ୟ ହରାଇ ବସି ସିଏ ସିନା ହତ୍ୟା କରିଦେଲେ, କିନ୍ତୁ ପରେ ତାଙ୍କ ମନ ବୁଝୁ ନ ଥିଲା। ସ୍ତ୍ରୀଙ୍କ ପାଇଁ ସେ ପାଉଁରୁଟି ଓ ପାଣି ନେଇ ଆସୁଥିଲେ। ଏସବୁ ଆଣି ସ୍ତ୍ରୀଙ୍କ ମୁଣ୍ଡ ତଳେ ରଖୁଥିଲେ ବୋଲି ଘଟଣାସ୍ଥଳରୁ ଶୁଣିବାକୁ ମିଳିଥିଲା।

### ଫେରାର ପୂର୍ବରୁ ମାଡ଼ି ବସିଲେ ଶ୍ୱଶୁର

ବିଜୟକେତନ ଶାଳୀ ଓ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଘର ଛାଡ଼ିବାକୁ ଯୋଜନା କରିଥିଲେ। ଘରେ ବହୁ ଜିନିଷପତ୍ର ଥିଲା। ଚାରିଆଡେ ଲୋକ ରହିଥିବାରୁ ସୁଯୋଗ ଖୋଜୁଥିଲେ। ତେଣୁ ସେ ପ୍ରତିଦିନ କିଛି କିଛି ଜିନିଷ ଘରୁ ବାଇକ ଯୋଗେ ନେଇଯାଉଥିଲେ। ବିଜୟ ସକାଳେ, ମଧ୍ୟାହ୍ନରେ ଓ ସନ୍ଧ୍ୟାରେ ଘରକୁ ଆସି ପୁଣି କେଉଁଆଡ଼େ ଚାଲିଯାଉଥିଲେ। ପାଖରେ ଜଣେ ମଉସା ଏହା କହିବାରୁ ଶ୍ୱଶୁର ସୁଦାମ ଜ୍ୱାଇଁଙ୍କୁ କାବୁ କରିବାକୁ ଚିନ୍ତା କରିଥିଲେ। ଏଥିପାଇଁ ସେମାନେ ପାଖରେ ଜଣେ ସମ୍ପର୍କୀୟ ମାଉସୀଙ୍କ ଘରେ ରହିଥିଲେ। ରବିବାର ଭୋର୍ ପ୍ରାୟ ୫ଟାରେ ଜ୍ୱାଇଁ ଯୋଜନା ମୁତାବକ ଭଡ଼ାଘର ପାଖରେ ଛକି ରହିଥିଲେ। ବିଜୟ ଘରୁ ବାହାରିବାବେଳେ ଶ୍ୱଶୁର ସୁଦାମ ତାଙ୍କୁ ମାଡ଼ି ବସିଥିଲେ।

### ସିନ୍ କ୍ରିଏଟ୍ କରିପାରେ ପୋଲିସ

ହତ୍ୟାକାଣ୍ଡ କିପରି ଘଟିଲା ତାହା ପୋଲିସ ପାଇଁ ଅଜଣା ରହିଛି। ସେମାନଙ୍କ ଭିତରେ କ'ଣ ଘଟିଥିଲା, କେଉଁ ପରିସ୍ଥିତିରେ ଦୁଇଜଣଙ୍କୁ ଏକୁଟିଆ ବିଜୟ ହତ୍ୟା କଲେ, ଏଭଳି ଅନେକ ସନ୍ଦେହକୁ ବାସ୍ତବତା ରୂପ ଦେବାକୁ ପୋଲିସ ଚେଷ୍ଟା କରିବ। ତେଣୁ ସୋମବାର କୋର୍ଟ ଚାଲାଣ ପରେ ରିମାଣ୍ଡରେ ଆଣି ପୋଲିସ ଅଭିଯୁକ୍ତଙ୍କ ସିନ୍ ରିକ୍ରେଏଟ୍‌କରିପାରେ ବୋଲି ସୂଚନା ମିଳିଛି।

### 'ତମେ ଖୋଜ'

ସରସ୍ୱତୀଙ୍କୁ ନ ପାଇବାରୁ ସ୍ୱାମୀ ପପୁ, ବାପା ଓ ମା' ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ପୋଲିସ କିନ୍ତୁ ସେମାନଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲା ବୋଲି ମା କୁନି ସେଠୀ କହିଛନ୍ତି। ସେ କହିଛନ୍ତି, ପୋଲିସ କହିଲା ସେ ଏଇଠି କୋଉଠି ଥିବେ, କୁଆଡ଼େ ଯାଇ ନ ଥିବେ। ଆମେ କୁଆଡ଼େ ଖୋଜିବୁ ବୋଲି କହିବାରୁ, ରବିବାର ଛୁଟି ଅଛି, କିଛି ହୋଇପାରିବ ନାହିଁ। ଆମେ ସୋମବାର ଦିନ ଯାହା କରିବୁ। ତମେ ଏଇଠି ଖୋଜ ବୋଲି ପୋଲିସ କହିଥିବା କୁନି କହିଛନ୍ତି।

## ଜ୍ୱାଇଁଙ୍କୁ ଫାଶୀ ହେଉ

ଘଟଣାସ୍ଥଳ ବେଶ୍ ହୃଦୟଦାୟକ ଥିଲା। ଦୁଇ ଝିଅଙ୍କୁ ହରାଇଥିବା ମା' କୁନୀ ସେଠୀ ଓ ବାପା ସୁଦାମ ସେଠୀ ଭୋ ଭୋ ହୋଇ କାନ୍ଦୁଥିଲେ। ମା' କୁନି କୋହଭରା କଣ୍ଠରେ କହିଛନ୍ତି, ମୋ ଜ୍ୱାଇଁ ଶେଷରେ ଏମିତି କାଣ୍ଡ ଘଟେଇବ ଜାଣି ନ ଥିଲି। ଯିଏ ନିଜ ସ୍ତ୍ରୀ ଓ ଶାଳୀଙ୍କୁ ଏଭଳି ନିର୍ମମ ଭାବେ ହତ୍ୟା କରିପାରୁଛି ସେଭଳି ଲୋକ ଏଦୁନିଆରେ ରହିବା କଳଙ୍କିତ। ତେଣୁ ତାଙ୍କୁ କଠୋରରୁ କଠୋର ଦଣ୍ଡ ସହ ଫାଶି ଦେବାକୁ ଆକୁଳ ନିବେଦନ କରିଛନ୍ତି। ଅପରପକ୍ଷରେ ସରସ୍ୱତୀଙ୍କ ହାତ ଧରି ବାଟ ଚାଲିବାକୁ ସ୍ୱପ୍ନ ଦେଖିଥିବା ସ୍ୱାମୀ ପପୁ ସେଠୀଙ୍କ ଆଖିରୁ ଲୁହ ବନ୍ଦ ହେଉ ନ ଥିଲା। କାନ୍ଦୁ କାନ୍ଦୁ ସେ ଚେତା ହରାଉଥିଲେ। ସମ୍ପର୍କୀୟମାନେ ତାଙ୍କ ମୁହଁରେ ପାଣି ଛାଟି ବୁଝାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଥିଲା।


ସରସ୍ୱତୀଙ୍କ ସ୍ୱାମୀ ପପୁ ସେଠୀ (ଡାହାଣ)।


ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡିଆରେ ଶନିବାରଠାରୁ ଆରମ୍ଭ ହୋଇଥିବା ଆଦିବାସୀ ମେଳାର ଏକ ଷ୍ଟଲ୍‌ରେ ମହିଳା କାରିଗରମାନେ ଲାଖ ଚୁଡ଼ି ତିଆରି କରୁଛନ୍ତି।

## ୧୦ ଜନଜାତିଙ୍କ କଳା ସାମଗ୍ରୀ ପ୍ରଦର୍ଶନ

**ଭୁବନେଶ୍ୱର,୨୪।୪(ବ୍ୟୁରୋ):** ଆଦିବାସୀ ମେଳା ଶନିବାରଠାରୁ ଆରମ୍ଭ ହୋଇଥିବାବେଳେ ରବିବାର ପ୍ରଦର୍ଶନୀ ପଡ଼ିଆଠାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ କେନ୍ଦ୍ରସ୍ଥଳରେ କଳା ସାମଗ୍ରୀ ପ୍ରଦର୍ଶନ ମଣ୍ଡପ ପ୍ରତିଷ୍ଠିତ ହୋଇଯାଇଛି। ମଣ୍ଡପରେ ଓଡ଼ିଶାର ୧୦ଟି ଜନଜାତି କାରିଗରଙ୍କ ଦ୍ୱାରା ବିଭିନ୍ନ କଳାସାମଗ୍ରୀ ପ୍ରସ୍ତୁତିର ପ୍ରଦର୍ଶନ ହୋଇଛି। ମାଲକାନଗିରି ଜିଲାର ପ୍ରାଚୀନ ଜନଜାତି ବଣ୍ଡାଙ୍କର 'ରିଙ୍ଗା' ପ୍ରସ୍ତୁତି, ବରଗଡ ଜିଲାରୁ ଆସିଥିବା କୁଲିସ୍ ସମ୍ପ୍ରଦାୟର 'କପ୍‌ଟା' ପ୍ରସ୍ତୁତି କୌଶଳ, କୋଟପାଡ୍‌ର ମିରିଗାନ୍ ସମ୍ପ୍ରଦାୟର ବସ୍ତ୍ର ପ୍ରସ୍ତୁତ ହେଉଛି ଯାହା ଧୁରୁଆ, ଭୋତଡ଼ା ଏବଂ ଗଣ୍ଡମାନଙ୍କର ସାଂସ୍କୃତିକ କର୍ମକର୍ମାଣିରେ ବ୍ୟବହୃତ ହୋଇଥାଏ । ଭୋତଡ଼ାମାନଙ୍କର ଧାନରେ ତିଆରି ବିଭିନ୍ନ ମୂର୍ତ୍ତି, ନୀଳଗିରି ଅଞ୍ଚଳର ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ଲାଖ ନିର୍ମିତ ଚୁଡି ତଥା ପଥରର ବିଭିନ୍ନ କଳାକୃତି ପ୍ରତ୍ୟକ୍ଷ ଭାବେ ପ୍ରସ୍ତୁତ କରାଯାଇ ପ୍ରଦର୍ଶନୀରେ ଶୋଭା ବଢାଉଛି। ଏହି ପ୍ରଦର୍ଶନ ମଣ୍ଡପରେ 'ସଉରା' ଓ 'ଗଣ୍ଡ' ଚିତ୍ରଶିଳ୍ପୀଙ୍କର ଚିତ୍ରକଳାର ପ୍ରସ୍ତୁତିକୁ ଦର୍ଶକମାନେ ଦେଖି ବେଶ୍ ଆମୋଦିତ ହେଉଛନ୍ତି। ଏହି ପ୍ରଦର୍ଶନୀ ମଣ୍ଡପରେ ଆନ୍ଧ୍ରପ୍ରଦେଶର ବନ୍‌ଜାରା ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ଟେରାକୋଟାର ବିଭିନ୍ନ ସାମଗ୍ରୀ ବେଶ୍ ଆକର୍ଷଣୀୟ ହୋଇଛି। ସନ୍ଧ୍ୟାରେ କୋରାପୁଟ ଅଞ୍ଚଳର ପରଜାମାନଙ୍କର ଢ଼େମସା ନାଚ, ବାଲେଶ୍ୱର ନୀଳଗିରି ଅଞ୍ଚଳର ଭୂମିଜଙ୍କର କରମା ନାଚ, ମୟୂରଭଞ୍ଜର ପ୍ରାଚୀନ ଜନଜାତି ମାଙ୍କଡ଼ିଆଙ୍କର ମାଗେ ପର୍ବ ନାଚ, ସଉରାଙ୍କର କାନ୍ଦୁଲ ନୂଆ ପର୍ବ, ବାଲିଗୁଡା ଅଞ୍ଚଳର କୁଟିଆ କନ୍ଧଙ୍କର ଚଇତି ପର୍ବ ନାଚ ତଥା ବାରିପଦାର ଲୋଧାମାନଙ୍କ ଛଉ ନୃତ୍ୟ ପ୍ରଦର୍ଶନ ଦର୍ଶକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସମୀର


@ ଅବନୀକାନ୍ତ


@ ସୁବ୍ରତ


@ ସୌଭାଗିନୀ


@ ରଶ୍ମିରଞ୍ଜନ


@ ଅମ୍ବିକା

## ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କ ସ୍ମୃତି ଓ କୃତୀ



ବିଶିଷ୍ଟ ସାହିତ୍ୟିକା ବୀଣାପାଣି ମହାନ୍ତିଙ୍କୁ କଟକ ବାଦାମବାଡ଼ିସ୍ଥିତ ବାସଭବନରେ 'ପଦ୍ମଶ୍ରୀ' ସମ୍ମାନ ପ୍ରଦାନ କରାଯାଉଛି। ରାଷ୍ଟ୍ରପତିଙ୍କ ତରଫରୁ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏହି ସମ୍ମାନ ଦେଉଛନ୍ତି।


ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ଅତିବଡୀ ଜଗନ୍ନାଥ ଦାସ ପୁରସ୍କାର' ପ୍ରଦାନ ଅବସରରେ...


ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଡି.ଲିଟ୍ ଉପାଧି ଗ୍ରହଣ କରୁଛନ୍ତି ବୀଣାପାଣି ମହାନ୍ତି।






ବୀଣାପାଣି ମହାନ୍ତି ପାଇଥିବା ବିଭିନ୍ନ ସମ୍ମାନ ଓ ପୁରସ୍କାର।

## ସଂକ୍ଷେପରେ

### ଯୁବକ ନିଖୋଜ ନେଇ ଥାନାରେ ଅଭିଯୋଗ

**ବେଗୁନିଆ,୨୪।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବାଘମାରୀ ଥାନା ଅନ୍ତର୍ଗତ ସିମୋର ଗ୍ରାମର ଜଣେ ଯୁବକ ନିଖୋଜ ଥିବା ନେଇ ଅଭିଯୋଗ ହୋଇଛି। ସେ ହେଲେ ଆଲୋକ ପ୍ରଧାନ(୩୦)। ଏ ନେଇ ଆଲୋକଙ୍କ ଭାଇ ଜିତେନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ବ୍ରିଟାନିଆ କମ୍ପାନୀରେ ଆଲୋକ କାମ କରନ୍ତି। ଦୈନନ୍ଦିନ ଭଳି ସେ ଶନିବାର ମଧ୍ୟାହ୍ନ ୧୨ଟାରେ ଘରୁ ବାହାରି କମ୍ପାନୀକୁ ଯାଇଥିଲେ। ମାତ୍ର ଘରକୁ ଫେରିବାରେ ବିଳମ୍ବ ହେବା ଯୋଗୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ କିଛି ସନ୍ଧାନ ପାଇ ନ ଥିଲେ। ଶେଷରେ ଆଲୋକଙ୍କ ନିଜ ହାତଲେଖା ଚିଠି ମିଳିଛି। ମୁଁ ମାନସିକ ଭାରସାମ୍ୟ ହରାଇ ଘରୁ ବାହାରି ଯାଉଛି। ଯେବେ ମାନସିକସ୍ତରରେ ନିଜକୁ ସମ୍ଭାଳି ପାରିବି ସେବେ ଘରକୁ ଫେରିବି ବୋଲି ଚିଠିରେ ଉଲ୍ଲେଖ ରହିଛି। ତେବେ ଆଲୋକଙ୍କ ସମ୍ପର୍କରେ ଯଦି କୌଣସି ବ୍ୟକ୍ତି ସନ୍ଧାନ ପାଇବେ ତେବେ ବାଘମାରୀ ଥାନାକୁ ଜଣାଇବେ ବୋଲି ପରିବାର ପକ୍ଷରୁ ନିବେଦନ କରାଯାଇଛି।

### ସ୍ମରଣ ମହୋତ୍ସବ ଉଦ୍‌ଯାପିତ

**ଜଟଣୀ,୨୪।୪(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବଡନୂଆଗାଁ ସ୍ଥିତ ଗୋପାଳଜୀଉ ମଠ ପକ୍ଷରୁ ମହନ୍ତ ପ୍ରେମାନନ୍ଦ ଦାସଙ୍କ ମାର୍ଗଦର୍ଶନରେ ମହନ୍ତ ଶ୍ରୀଜଗନ୍ନାଥ ଦାସ ମହାରାଜଙ୍କ ପ୍ରଥମ ବାର୍ଷିକ ସ୍ମରଣ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗୋପାଳଜୀଉ ମଠ ପକ୍ଷରୁ ଗତ ୨୩ତାରିଖରୁ ଆରମ୍ଭ ହୋଇଥିବା ସ୍ମରଣ ମହୋତ୍ସବର ପ୍ରଥମ ଦିବସରେ ନାମଯଜ୍ଞ, ଶୁଭ ଅଧିବାସ, ଦ୍ୱିତୀୟ ଦବସରେ ନାମସଂକୀର୍ତ୍ତନ ଏବଂ ଶେଷ ଦିବସରେ ନାମଯଜ୍ଞ ବିଶ୍ରାମ ଓ ଦଧିଭାଣ୍ଡ ଭଜନ କରାଯାଇଥିଲା। ପ୍ରତ୍ୟକ ଦିନ ମଠ ପରିସରରେ ସଂକୀର୍ତ୍ତନ, ଶ୍ରୀଗୋପାଳ ସହର୍ଷ ନାମ ଓ ହନୁମାନ ଚାଳିଶା ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହୋତ୍ସବରେ ବିଭିନ୍ନ ଅଞ୍ଚଳର ସନ୍ଥ, ମହନ୍ତ ଓ ମହନ୍ତ ମହାରାଜଗଣ ଯୋଗଦେଇଥିଲେ। ନିକୁଞ୍ଜେଶ୍ୱରୀ ଦାସୀ, ମାଧବୀ ଦାସୀ, ନାରାୟଣ ଜେନା, ଜଗଦୀଶ ମହାପାତ୍ର, ପାତିଆ ଜେନା, ଶରତ ସାମନ୍ତରା, ଗୋବିନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ଟାଙ୍ଗୀ(ଖୋର୍ଦ୍ଧା),୨୪।୪(ଡି.ଏନ୍.ଏ.):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସାବିତ୍ରୀ ସାହୁ, ବଳରାମ ଦେବ ବିଦ୍ୟାପୀଠ ପ୍ରଧାନଶିକ୍ଷକ ରମେଶ କୁମାର ବଳବନ୍ତରାୟ, ପରିବେଶବିତ୍ ସନ୍ତୋଷ ଚନ୍ଦ୍ର କର, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବାଷିନୀ ଦେଈ, ସିଆରସିସି କାହ୍ନୁଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିବା ସହ ମୁଖପତ୍ର 'ଶିଶୁ କଳିକା' ଉନ୍ମୋଚନ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବେଗୁନିଆ ନିର୍ବାଚନମଣ୍ଡଳୀରୁ ୪୦୩୮ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୨୪।୪:** ବୋଲଗଡ଼ ବ୍ଲକ ଗେଡିଆପଲ୍ଲି ପଞ୍ଚାୟତ ଅନ୍ତର୍ଗତ ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପ, ସାଲତରା ଠାରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର କୁମାର ସାହୁ ଶିବିର ଉଦ୍‌ଘାଟନ କରିଥିଲେ। ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସଂଯୋଜନା କରିଥିଲେ। ବ୍ଲକ୍ ଅଧକ୍ଷା ହୁଲାସ ପ୍ରଧାନ, ଯୁବ ସଙ୍ଗଠକ ଅଭିଷେକ ସିଂ ସାମନ୍ତ, ବିଜୁ ଜନତା ଦଳ ଜିଲା ଉପସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ବ୍ଲକ ଉପାଧକ୍ଷ ରମେଶ ସାହୁ, ବ୍ଲକ ବିଜେଡି ସଭାପତି ବାନାମ୍ବର୍ ମାଝୀ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ, ସାମାଜିକ କର୍ମୀ ପ୍ରସନ୍ନ ତ୍ରିପାଠୀ, କାହ୍ନୁ ଚରଣ ପଣ୍ଡା,ଯୁବ ବିଜେଡି ଜିଲା ଉପ ସଭାପତି ଦିଲୀପ ମହାପାତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ଅର୍ଜୁନ ବେହେରା ଉପସ୍ଥିତ ଥିଲେ। ନୟାଗଡ଼ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ୫୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପ୍ରକାଶ ଯେ, ରବିବାର ସୁଦ୍ଧା ବେଗୁନିଆ ନିର୍ବାଚନମଣ୍ଡଳୀରୁ ମୋଟ ୪୦୩୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି।

# ୩ ବର୍ଷ ବିତିଲା, ସରୁନି ମେଗା ଜଳଯୋଗାଣ ପ୍ରକଳ୍ପ

**ବୋଲଗଡ଼,୨୪।୪(ଡି.ଏନ୍.ଏ.)**

ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚକରି ପ୍ରକଳ୍ପ କରୁଛନ୍ତି। ତେବେ ବିଭାଗୀୟ ଅଧିକାରୀ ଏବଂ ଠିକାସଂସ୍ଥାର ଅବହେଳା ଯୋଗୁ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନି। ଫଳରେ ଲୋକେ ପାଇପ୍ ଯୋଗେ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ବ୍ଲକ ଅନ୍ତର୍ଗତ ପାଟପୁରଶାସନ ପଞ୍ଚାୟତ ସାନନୟାପଲ୍ଲୀରେ ନିର୍ମାଣ ହେଉଥିବା ମେଗା ପାଇପ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ୩ବର୍ଷ ବିତିଥିଲେ ମଧ କାର୍ଯ୍ୟ ସରିନାହିଁ। ଫଳରେ



ପ୍ରକଳ୍ପ ପାଇଁ ଲାଗିଥିବା ଫଳକ।


ନିର୍ମାଣାଧୀନ ପ୍ରକଳ୍ପ।

ବୋଲଗଡ଼ ଓ ବେଗୁନିଆ ବ୍ଲକର ମୋଟ୍ ୩୫ ପଞ୍ଚାୟତବାସୀ ପାଇପ୍ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବୋଲଗଡ଼ ଓ ବେଗୁନିଆ ବ୍ଲକ ଅଞ୍ଚଳର ବହୁ ଗ୍ରାମରେ ପାନୀୟଜଳ ସମସ୍ୟା ବର୍ଷ ବର୍ଷ ଧରି ଲାଗିରହିଛି। ଉକ୍ତ ଅଞ୍ଚଳରେ ପାନୀୟଜଳ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ୨୫୪କୋଟି ୮୨ଲକ୍ଷ ଟଙ୍କାର ମେଗା ଜଳଯୋଗାଣ ପ୍ରକଳ୍ପର ଆରମ୍ଭ ହୋଇଥିଲା। ୨୦୧୯ରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୨୧ରେ ଏହା କାର୍ଯ୍ୟକ୍ଷମ ହେବା ନେଇ ସ୍ଥିର ହୋଇଥିଲା। ଏହି ପ୍ରକଳ୍ପ ହେଲେ ବୋଲଗଡ଼ ବ୍ଲକର ୧୯ ପଞ୍ଚାୟତବାସୀ ଓ ବେଗୁନିଆ ବ୍ଲକର ୧୬ ପଞ୍ଚାୟତବାସୀ ଉପକୃତ ହେବେ। ତେବେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ତୁରନ୍ତ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ବୋଲଗଡ଼ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ସୁନୀଲ କୁମାର ପାଢ଼ୀ କହିଛନ୍ତି, ବିଭିନ୍ନ ସମସ୍ୟା ଯୋଗୁ କାର୍ଯ୍ୟ ଶେଷ ହୋଇପାରିନାହିଁ। ପ୍ରକଳ୍ପ ନିର୍ମାଣ ଅବଧିକୁ ନଭେମ୍ବର ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ସେ କହିଛନ୍ତି।

# 'ଫେସେସ୍ ଅଫ୍ ଇନ୍‌ଇକ୍ୱାଲିଟି'ରେ ସ୍ୱରହୀନଙ୍କ ବ୍ୟଥା


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**

ଭାରତରେ ଅବହେଳିତ ହୋଇ ରହିଥିବା ସ୍ୱରହୀନଙ୍କ କଥା ଓ ବ୍ୟଥା ସାଧାରଣତଃ ଗଣମାଧ୍ୟମରେ ଗୁରୁତ୍ୱ ବହନ କରୁ ନାହିଁ। ଏଭଳି ସ୍ଥଳେ ଅସମାନତାର ବାସ୍ତବ ଛବିକୁ ନେଇ ସାମ୍ବାଦିକ ପ୍ରଦୀପ ବୈଶାଖଙ୍କ ପୁସ୍ତକ 'ଫେସେସ୍ ଅଫ୍ ଇନ୍‌ଇକ୍ୱାଲିଟି: ଷ୍ଟୋରିଜ ଅଫ୍ ଦ ପୋର୍ ଆଣ୍ଡ ଅଣ୍ଡରପ୍ରିଭିଲେଜଡ୍ ଫ୍ରମ୍ ଇଣ୍ଡିଆଜ୍ ଗ୍ରାସରୁଟ୍ସ୍' ଏକ ଦିଗବାରେଣୀ ବୋଲି ଏହାର ଉନ୍ମୋଚନ ଅବସରରେ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି।

ରବିବାର ସୂଚନା ଭବନ ପ୍ରଦର୍ଶନୀ ହଲ୍‌ରେ ଏହି ବହି ଉନ୍ମୋଚନ ଓ ଏହାର ବିଷୟବସ୍ତୁର କିୟଦଂଶକୁ ନେଇ ହୋଇଥିବା ଆଲୋଚନା ଚକ୍ରରେ ସାମ୍ବାଦିକ ରବି ଦାସ, ଡେଭେଲପମେଣ୍ଟ ପ୍ରଫେଶନାଲ ଉମି ଡାନିଏଲ ଓ ସାମ୍ବାଦିକା ଶାରଦା ଲାହାଙ୍ଗିର ଭାଗ ନେଇଥିଲେ। ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗ୍ରାଉଣ୍ଡ୍ ରିପୋର୍ଟିଂ ପରେ ପ୍ରଦୀପ ଏହି ପୁସ୍ତକକୁ ରଚନା କରିଛନ୍ତି। 'ଓଡ଼ିଶାର ବିକାଶ ଅନ୍ତର୍ଭୁକ୍ତୀକରଣ କି' ଶୀର୍ଷକ ଆଲୋଚନା ବେଳେ ରବି ଦାସ କହିଥିଲେ, ସବୁ କ୍ଷେତ୍ରରେ ଅସମାନତା ବଢୁଛି। ସମ୍ପଦକୁ ଠିକ୍ ଭାବେ ବିନିଯୋଗ କରାଯାଇପାରିଲେ ପରିବର୍ତ୍ତନ ଆସିବ। ହାତପାଆନ୍ତାରେ ମୌଳିକ ଆବଶ୍ୟକତା ନ ମିଳିଲେ ବିକାଶରେ ଅନ୍ତର୍ଭୁକ୍ତୀକରଣ ଆସିପାରିବ ନାହିଁ ବୋଲି ଶାରଦା କହିଥିଲେ। ଏହି ପରିପ୍ରେକ୍ଷୀରେ ସେ କାଶୀପୁରରେ ଆମ୍ବଟାକୁଆ ଖାଇ ଲୋକଙ୍କ ମୃତ୍ୟୁ ଘଟଣା ଉଲ୍ଲେଖ କରିଥିଲେ। ଅନ୍ୟତମ ଆଲୋଚକ ଉମି ଡାନିଏଲ୍ ପ୍ରବାସୀ ଶ୍ରମିକଙ୍କ ଦୁଃଖ ଓ ଦକ୍ଷତା ବିକାଶ ଲାଗି ପ୍ରଶିକ୍ଷଣ ନେଉଥିବା ଯୁବତୀଯୁବକଙ୍କ ଅସହାୟତା ବିଷୟରେ ବଖାଣିଥିଲେ। ଓଡ଼ିଶାରେ ସିଲେଇ ଶିଖୁଥିବା ଯୁବତୀଙ୍କୁ ସମୁଦାୟ ଶାର୍ଟଟିଏ କରିବା ଲାଗି ସମ୍ପୂର୍ଣ୍ଣ ତାଲିମ ଦିଆଯାଇପାରୁ ନ ଥିବାରୁ ପରବର୍ତ୍ତୀ ସମୟରେ ସେ କିଭଳି ଅସହାୟ ହୋଇପଡୁଛନ୍ତି ତାହା ଦର୍ଶାଇଛନ୍ତି।

ଲେଖକ ପ୍ରଦୀପ ବଲାଙ୍ଗୀର ଜିଲାରେ ୨୦୦୯ରେ ଝିଣ୍ଟୁ ବରିହାଙ୍କ ପରିବାରର ଅନାହାର ମୃତ୍ୟୁକୁ ପ୍ରଥମେ 'ଧରିତ୍ରୀ' ପ୍ରକାଶ କରିଥିଲା ବୋଲି କହିଥିଲେ। କିନ୍ତୁ ପରେ ଏହି ଘଟଣାକୁ ମ୍ୟାଲେରିଆ ରୋଗରେ ମୃତ୍ୟୁ ଘଟିଥିବା ଅନ୍ୟାନ୍ୟ ଗଣମାଧ୍ୟମ ଓ ସରକାର ଘୋଷଣା କରିଥିଲେ ବୋଲି କହିଥିଲେ। ସାମ୍ବାଦିକ ଅକ୍ଷୟ ସାହୁ ମଞ୍ଚ ପରିଚାଳନା କରିବା ବେଳେ ଏ ଦିଗରେ ଗଣମାଧ୍ୟମର ଭୂମିକା ନେଇ କିଛି ତଥ୍ୟ ରଖିଥିଲେ। ତେବେ କିଛି ଖବରକାଗଜରେ କୋଭିଡ୍ ତଥ୍ୟକୁ ନେଇ ମତ ଦେବା ବେଳେ ଦର୍ଶକଙ୍କ ମଧ୍ୟରୁ ତାଙ୍କୁ ଅନ୍ୟ ଗଣମାଧ୍ୟମର ବାସ୍ତବ ସ୍ଥିତି ବାଢ଼ନ୍ତୁ ବୋଲି ସୂଚାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସନ୍ଦୀପ ପଟ୍ଟନାୟକ ଓ ଅଶୋକ ଦାସ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ପାଇକ ଆଖଡ଼ା ସମାବେଶ


ଜିଲାସ୍ତରୀୟ ପାଇକ ଆଖଡ଼ା ସମାବେଶ ପାଇଁ ବାହାରି ଥିବା ପାଇକ ଶୋଭାଯାତ୍ରା।

**ଖୋର୍ଦ୍ଧା ଅଫିସ,୨୪।୪**

ଖୋର୍ଦ୍ଧା ପାଇକ ଆଖଡ଼ା ସଂଘ ଆନୁକୂଲ୍ୟରେ ଖୋର୍ଦ୍ଧା ଉପକଣ୍ଠ ଉଇଲକିଶନ ନଗର(ନୂଆଗାଁ)ଠାରେ ଜିଲାସ୍ତରୀୟ ପାଇକ ଆଖଡ଼ା ସମାବେଶ ଓ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୪ଟାରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଅଳେଇଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଆଙ୍ଗାମାଳ ସହ ମଶାଲ ଧରି ଏକ ପାଇକ ଶୋଭାଯାତ୍ରା ବାହାରି ସଭାସ୍ଥଳରେ ପହଞ୍ଚିଥିଲେ। ସଂଘ ସଭାପତି ଶମ୍ଭୁନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ପୂର୍ବତନ ବିଧାୟକ ଡ.ଦିଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି, ପୂର୍ବତନ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ମୁଖ୍ୟ ବକ୍ତା, ପୂର୍ବତନ ପୋଲିସ ପ୍ରଶାସକ ଦେବାଶିଷ ମଜୁମ୍‌ଦାର, ଖଣ୍ଡାୟତ କ୍ଷତ୍ରୀୟ ସଂଘ ରାଜ୍ୟ ସଭାପତି ଯୋଗିନାଥ ବଳିୟାରସିଂ, ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ପ୍ରଧାନ, ଶହୀଦ ରଘୁ ଦିବାକର ସ୍ମୃତି ସଂସଦ ସଭାପତି ବ୍ରଜବନ୍ଧୁ ପରିଡା, ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟି ପ୍ରମୁଖ ଅତିଥିଭାବେ ଯୋଗଦେଇ ଦିବଂଗତ ପାଇକ ଗୁରୁ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ ଓ ଦୀନବନ୍ଧୁ ବିଶ୍ୱାଳଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତା ଦାସ କହିଥିଲେ, ପାଇକ ହେଉଛନ୍ତି ବୀର ଜାତି। ମାତୃଭୂମିର ସୁରକ୍ଷା ପାଇଁ ସେମାନଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ଓଡ଼ିଆ ଜାତିର ଅସ୍ମିତା। ପାଇକଙ୍କ ଅସୀମ ବୀରତ୍ୱ ଆଗରେ ବ୍ରିଟିଶ୍ ସରକାର ମଥା ନୁଆଇଥିଲା। ମୁଖ୍ୟ ଅତିଥି ଶ୍ରୀଚନ୍ଦନ କହିଥିଲେ, ଖୋର୍ଦ୍ଧା ହେଉଛି ବୀର ମାଟି। ବ୍ରିଟିଶ ସରକାର ବିରୋଧରେ ପାଇକଙ୍କ ସଶସ୍ତ୍ର ଯୁଦ୍ଧ, ଯାହାକି ପାଇକ ବିଦ୍ରୋହ ନାମରେ ପରିଚିତ। ଏ ମାଟି ପାଇକ ବୀରଙ୍କ ବୀରତ୍ୱ ଆଗରେ ସର୍ବଦା ଋଣୀ ହୋଇ ରହିବ। ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆଜି ବି ଓଡ଼ିଶାର କୋଣ ଅନୁକୋଣରେ ପାଇକ ଆଖଡ଼ା ରହିଛି। ଏହି ସମରକଳାର ପୁନରୁଦ୍ଧାର ଲାଗି ସରକାର ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ଏହି ଅବସରରେ ପୁରୀ କଣାସ ପାଇକ ଗୁରୁ ରମେଶ ଚନ୍ଦ୍ର ରାଉତରାୟ, କେଶବ ଚନ୍ଦ୍ର ବରାଳ, କରଡଗାଡିଆର ବିରଞ୍ଚି ଜଗଦେବ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ପାଇକ ଦଳ ସମରକଳା ପ୍ରଦର୍ଶନ କରିଥିଲେ। ଆଖଡ଼ା ସଂଘ ସମ୍ପାଦକ କବିରାଜ ପ୍ରଧାନ ସଂଯୋଜନା କରିଥିଲେ। ପାଇକ ଏକାଡେମୀ ଅଧ୍ୟକ୍ଷ ସତ୍ୟନାରାୟଣ ବିଶୋଇ, ମନୋଜ ବିଶ୍ୱାଳ, ରବୀନ୍ଦ୍ର ପ୍ରଧାନ, କେଦାର ସାହାଣୀ, ସୁରେଶ ଚନ୍ଦ୍ର ସାମନ୍ତରାୟଙ୍କ ସମେତ ବହୁ ପାଇକ ଦଳବେହେରା, ସ୍ଥାନୀୟ ଗ୍ରାମବାସୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## କୃଷ୍ଣପ୍ରସାଦରେ ଜନଶୁଣାଣି ଆଜି

**କୃଷ୍ଣପ୍ରସାଦ,୨୪।୪(ଡି.ଏନ୍.ଏ.)**

ଗତ ୧୮ ତାରିଖରୁ ପୁନଃ ଜନଶୁଣାଣି ଶିବିର ଆରମ୍ଭ ହୋଇଛି। ତେବେ କରୋନା ମହାମାରୀ ପାଇଁ ୨୦୨୦ ମାର୍ଚ୍ଚ ପରଠାରୁ ଏହି ଜନଶୁଣାଣି ବନ୍ଦ ରହିଥିଲା। ସାଧାରଣ ଲୋକଙ୍କ ହିତ ଦୃଷ୍ଟିରୁ ଏଣିକି ପ୍ରତି ସୋମବାର ବିଡିଓଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟକ୍ଷ ଜନଶୁଣାଣି ଅନୁଷ୍ଠିତ ହେବ। ଏହା ଦ୍ୱାରା ସାଧାରଣ ଲୋକେ ସୁଫଳ ପାଇପାରିବେ ବୋଲି କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକ କହିଛନ୍ତି। ଏହି ଜନଶୁଣାଣି ୨୫ ତାରିଖ ତଥା ସୋମବାର ବ୍ଲକ ସମ୍ମିଳନୀ କକ୍ଷରେ ସକାଳ ୮ଟାରେ ଆରମ୍ଭ ହେବ। ବ୍ୟକ୍ତିଗତ କିମ୍ବା ସାମୂହିକ ସମସ୍ୟାଭିତ୍ତିକ ଆପତ୍ତି ଅଭିଯୋଗ ଜଣାଇବାକୁ ଚାହୁଁଥିବା ଜନସାଧାରଣ ଏହି କାର୍ଯ୍ୟକ୍ରମର ସୁଯୋଗ ନେଇପାରିବେ ବୋଲି କୁହାଯାଇଛି।

## ୮୨ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୨୪।୪**

ଓଡ଼ିଶା ମୋ ପରିବାର, ଜୀବନ ବିନ୍ଦୁ ଆନୁକୂଲ୍ୟରେ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାଉନସିଲର ସୁଶାନ୍ତ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଓଡ଼ିଶା ମୋ ପରିବାର ରାଜ୍ୟ ସଂଯୋଜକ ଅରୂପ ପଟ୍ଟନାୟକ, ସହ ସଂଯୋଜକ ସମୀର ପ୍ରଧାନ, ଜିଲା ସହ ସଂଯୋଜକ ଶ୍ରୀକୁମାର ଖୁଣ୍ଟିଆ, ପୌରପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌମ୍ୟ ରଞ୍ଜନ ମହାନ୍ତି, ବିଜୁ ରାଜ୍ୟ ମହିଳା ଉପାଧ୍ୟକ୍ଷା ବାସନ୍ତୀ ମହାପାତ୍ର, ଜିଲ୍ଲା ସଭାନେତ୍ରୀ ଗୀତାଞ୍ଜଳି ପାଟଶାଣୀ, ନଗର ସଭାପତି ମହମ୍ମଦ ଆରିଫ, ଅମରେଶ ଜେନା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ୍ ୮୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରବି ନାରାୟଣ ସାହୁ ଓ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ସମ୍ମିଳନୀ


ଅତିଥିମାନେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଆବାହକଙ୍କୁ ସମ୍ମାନିତ କରୁଛନ୍ତି।

**ନିରାକାରପୁର,୨୪।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ରାଉଳହଜ ଆଦିବାସୀସ୍ଥିତ ପଞ୍ଚାୟତ ଧାନଖଳାରେ ରବିବାର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଏକ ଗାନ୍ଧୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଆବାହକ ଡ. ପୂର୍ଣ୍ଣଚନ୍ଦ୍ର ଦାଶ ପୌରୋହିତ୍ୟ କରିଥିବା ବେଳେ ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସ ଅତିଥିଭାବେ ଯୋଗଦେଇ ନିଜ ପରିବାରକୁ ସଜାଡ଼ିଲେ ଦେଶ ଆପେ ଆପେ ସଜାଡ଼ି ହୋଇଯିବ ବୋଲି କହିଥିଲେ। ଡ. ବିଶ୍ୱଜିତ୍, ବିରୂପାକ୍ଷ ତ୍ରିପାଠୀ, ରାମ ଶଙ୍କର ରାମ, ମିହିର ପ୍ରତାପ ଦାସ, ହରିହର ସେନ, ମାନସ ପଟ୍ଟନାୟକ, ଲକ୍ଷ୍ମୀଧର ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ପରେ ଅଞ୍ଚଳର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଆବାହକଙ୍କୁ ଅତିଥିମାନେ ସମ୍ମାନିତ କରିବା ସହ ଉପସ୍ଥିତ ଆଦିବାସୀ ମହିଳାଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ।

**ଅସରଳା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଏମ୍‌ଜେ ସୁପର କିଙ୍ଗ ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ।

**ବୋଲଗଡ଼,୨୪।୪(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅସରଳା କୁଞ୍ଜବନ ଖେଳପଡିଆରେ ଚାଲିଥିବା ଅସରଳା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଏମ୍‌ପିଏ ଟିମ୍‌କୁ ହରାଇ ଏମ୍‌ଜେ ସୁପର କିଙ୍ଗ ବିଜୟୀ ହୋଇଛି। ଟସ୍ ଜିତି ଏମ୍‌ଜେ ସୁପର କିଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ବିନିମୟରେ ୮୭ରନ ସଂଗ୍ରହ କରିଥିଲା। ଜବାବରେ ଏମ୍‌ପିଏ ଟିମ୍ ୯ ଓଭରରେ ସମସ୍ତ ଉଇକେଟ ବିନିମୟରେ ୪୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଭୁ ପ୍ରସାଦ କର ଏବଂ ହେମନ୍ତ କୁମାର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକ କର୍ମୀ ରଘୁନାଥ ବେହେରା, ବିବେକାନନ୍ଦ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ଅସରଳା କ୍ରିକେଟ ଟିମ୍‌ର ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଜଳଛତ୍ର ଶୁଭାରମ୍ଭ

**ବୋଲଗଡ଼,୨୪।୪(ଡି.ଏନ୍.ଏ.)**

୫୭ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗୋପବନ୍ଧୁ ଛକ ଠାରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ଜିଲା ସଭାପତି ବିଶ୍ୱଦୀପ ପ୍ରଧାନଙ୍କ ନିର୍ଦ୍ଦେଶରେ ଏହି ଜଳଛତ୍ର କେନ୍ଦ୍ରକୁ ବିଜୁ ଛାତ୍ର ଜନତା ଦଳର ଜିଲା ସମ୍ପାଦକ ଅତୁଲ ସାହୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ଶୁଭେନ୍ଦୁ ସାହୁ ଉପସ୍ଥିତ ଥିଲେ।

# ମରଣଯନ୍ତା ପାଲଟିଛି ପିତାପଲ୍ଲୀ ଛକ

**ବସ୍‌ରୁ ଖସିପଡ଼ି ଯୁବକ ଗୁରୁତର**

**ଖୋର୍ଦ୍ଧା ଅଫିସ,୨୪।୪**

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ପିତାପଲ୍ଲୀ ଛକ ମରଣଯନ୍ତା ପାଲଟିଛି। ଫଳରେ ଏଠାରେ ଦୈନିକ ଦୁର୍ଘଟଣା ଘଟୁଛି। ରବିବାର ଏକ ଯାତ୍ରୀବାହୀ ବସ୍‌ରୁ ଜଣେ ଯୁବକ ଖସିପଡ଼ିଥିଲେ। ସେ ତଳେ ପଡ଼ିଯିବାରୁ ପଛରୁ ଆସୁଥିବା ଏକ ଟ୍ରେଲର ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ପଠାଇଛି। ତେବେ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ଗାଡିର ହେଲ୍ପର ବୋଲି କୁହାଯାଉଛି। ପ୍ରକାଶ ଯେ, ଏହି ବସ୍ ଭୁବନେଶ୍ୱରରୁ ବାହାରି ନୟାଗଡ଼ ଅଭିମୁଖେ ଯାଉଥିଲା। ବସ୍ ଡୋର୍ ପାଖରେ ଠିଆ ହୋଇଥିବା ବେଳେ ଯୁବକ ଜଣଙ୍କ ଭାରସାମ୍ୟ ହରାଇ ଖସିପଡ଼ିଥିବା ଜଣାପଡ଼ିଛି।

# ସୁପ୍ରିମକୋର୍ଟ ବିଚାରପତିଙ୍କ ଶ୍ରୀମନ୍ଦିର ଗସ୍ତ

**ମହାପ୍ରଭୁଙ୍କୁ ଦର୍ଶନ କଲେ**

**ପୁରୀ ଅଫିସ, ୨୪।୪**

ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ରବୀନ୍ଦ୍ର ଭଟ୍ଟ ତାଙ୍କ ଧର୍ମପତ୍ନୀଙ୍କ ସହ ରବିବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି। ବିଚାରପତି ରବୀନ୍ଦ୍ର ଭଟ୍ଟ ଏବଂ ତାଙ୍କର ଧର୍ମପତ୍ନୀ ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପୂର୍ବାହ୍ନ ୧୧ଟା ୩୦ରେ ପହଞ୍ଚିଥିଲେ। ସେଠାରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ସେବାୟତମାନଙ୍କ ପକ୍ଷରୁ ଜଷ୍ଟିସ୍ ଭଟ୍ଟଙ୍କୁ ସ୍ୱାଗତ କରି ଶ୍ରୀମନ୍ଦିରକୁ ପାଛୋଟି ନିଆଯାଇଥିଲା। ଜଷ୍ଟିସ୍ ଭଟ୍ଟ ଏବଂ ତାଙ୍କ ସହଧର୍ମିଣୀ ବାଇସ ପାହଚ ଦେଇ ଶ୍ରୀମନ୍ଦିରକୁ ଯାଇ ଭିତର କାଠ ନିକଟରେ ରତ୍ନସିଂହାସନ ରଢ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିରରେ କିଛି ସମୟ ଅତିବାହିତ କରି ବାଇସ ପାହାଚ ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଜଷ୍ଟିସ ଭଟ୍ଟ ଓ ଧର୍ମପତ୍ନୀଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆପାଟ, ପତିତପାବନ ବାନା, ମାଳାମହାର୍ଦ୍ଦ, ମହାପ୍ରସାଦ, ମହାପ୍ରଭୁଙ୍କ ସ୍ମାରକୀ ପ୍ରଦାନ କରାଯାଇଥିଲା।

# ପାଞ୍ଚଗଡ଼ ଜଙ୍ଗଲରେ ନିଆଁ

**ବୋଲଗଡ଼,୨୪।୪(ଡି.ଏନ୍.ଏ.)**

ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଖୋର୍ଦ୍ଧା ରେଞ୍ଜ୍ ବୋଲଗଡ଼ ବନପାଳ ଅଧୀନ ପାଞ୍ଚଗଡ଼ ସଂରକ୍ଷିତ ଜଙ୍ଗଲରେ ରବିବାର ନିଆଁ ଲାଗି ପ୍ରାୟ ଅଢ଼େଇ ଏକର ପରିମିତ ଅଞ୍ଚଳର ବୃକ୍ଷଲତା ଜଳିଯାଇଛି। ବୋଲଗଡ଼ ପଞ୍ଚାୟତ ମରଦାବାଡ଼ି ଗ୍ରାମ ନିକଟ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ବନପାଳ ପ୍ରଦୀପ ପଟ୍ଟନାୟକଙ୍କ ସମେତ ବିଭାଗୀୟ କର୍ମଚାରୀ ପହଞ୍ଚି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ପରେ ଅଗ୍ନିଶମ ଓ ବନ ବିଭାଗ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଚାଲୁ ରହିଛି। ନିଆଁ ସମ୍ପୂର୍ଣ୍ଣ ଲିଭି ନ ଥିବା ବେଳେ ବହୁମୂଲ୍ୟବାନ ଗଛ ଜଳିଯାଇଛି। ସେହିପରି ଏହି ବ୍ଲକର ଡାବରଧୁଆ ପଞ୍ଚାୟତ ଅନ୍ତର୍ଗତ କପାସିଆ ନୂଆସାହି ନିକଟ ବେଲପଦର ରାସ୍ତାପାର୍ଶ୍ୱ ଜମିରେ ଥିବା ଶୁଖିଲା ଘାସବୁଦାରେ ନିଆଁ ଲାଗି ଭୟଙ୍କର ପରିସ୍ଥିତି ଉପୁଜିଥିଲା। ଏଥିରେ ପ୍ରାୟ ଦୁଇ ଏକର ଜମି ଜଳୁଥିବା ବେଳେ ପବନ ଯୋଗୁ ନିକଟ କପାସିଆ ଗ୍ରାମ ନୂଆସାହିର ଏକ ବାଡ଼ରେ ନିଆଁ ଲାଗିଯାଇଥିଲା। ୫୭ ନମ୍ବର ଜାତୀୟ ରାଜପଥ ଧୂଆଁମୟ ହେବା ସହ କିଛି ସମୟ ଯାନବାହନ ଅଟକି ରହିଥିଲା। ଖବର ପାଇ ବୋଲଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ଏପ୍ରିଲ, ୨୦୨୨

**୩ ପୋଲିସ ଟିମ୍ ଗଠନ, ଚଢ଼ାଉ ଜାରି**

ଗୋପ, (ଡି.ଏନ.ଏ.)- ଗୋପ ଥାନା ବାଲିକନ୍ଦଲରେ ଶୁକ୍ରବାର ରାତିରେ ଟେଣ୍ଟ କପଡ଼ା ଚିରାକୁ ନେଇ ଟେଣ୍ଟ ମାଲିକ ଏରବଙ୍ଗ ଗ୍ରାମର ପପୁ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା । ଜଣେ ଡିଜେ ମାଲିକଙ୍କ ସହିତ ତାଙ୍କ କର୍ମଚାରୀ ଏହି ହତ୍ୟା କରିଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହେଲେ ରବିବାର ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ୩ଟି ପୋଲିସ ଟିମ୍ ଗଠନ କରାଯାଇ ଗୋପର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି ବୋଲି ଗୋପ ଥାନାଧିକାରୀ କାଳନ୍ଦୀ ବେହେରା ସୂଚନା ଦେଇଛନ୍ତି। ଗତ ୨୨ ତାରିଖରେ ନିମାପଡ଼ାର ଏକ ବରଯାତ୍ରୀ ଗୋପକୁ ଆସିଥିବାବେଳେ ବାଳିକନ୍ଦଳ ନିକଟରେ ଟେଣ୍ଟ କପଡ଼ା ଲାଗି ଚିରିଯାଇଥିଲା। ଡିଜେ ମାଲିକ ଓ ଟେଣ୍ଟ ମାଲିକଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଡିଜେ ମାଲିକ ଓ ତାଙ୍କ କର୍ମଚାରୀ ଟେଣ୍ଟ ମାଲିକଙ୍କୁ ହତ୍ୟା କରିଥିଲେ।






୨୪।୪।୨୦୨୨

| | |
|---|---|
| ୫,୪୧,୬୩୭ ଟଙ୍କା | |
| ସୁନା | ୧.୦୫୦ ଗ୍ରାମ |
| ରୁପା | ୩୮ ଗ୍ରାମ |

# ବିରୋଧୀଙ୍କୁ ରୋକିବାକୁ ଚାଲିଛି ପ୍ରସ୍ତୁତି

- ସେବାୟତ ମଣ୍ଡଳୀ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର
- ରାଲି, ବିକ୍ଷୋଭ ବନ୍ଦ କରୁ ଜିଲା ପ୍ରଶାସନ

**ପୁରୀ ଅଫିସ,୨୪।୪:**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ନେଇ ଚାଲିଥିବା ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ନେଇ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମତ ମତାନ୍ତର ଚାଲିଥିବାବେଳେ ବିରୋଧୀ ପକ୍ଷରୁ ପ୍ରସ୍ତୁତ ହେଉଥିବା ବିକ୍ଷୋଭ, ରାଲିକୁ ରୋକିବାକୁ ଶାସକ ଦଳ ଅଣ୍ଟା ଭିଡ଼ିଛି। ଏହି ପରିପ୍ରେକ୍ଷୀରେ ରବିବାର ଯୁଦ୍ଧକାଳୀନ ଭିତ୍ତିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପାଇଁ ଏକ ସେବାୟତ ମଣ୍ଡଳୀ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦେଇଛନ୍ତି। ଏହି ସେବାୟତମଣ୍ଡଳୀ ମଧ୍ୟରେ ପରିଚାଳନା କମିଟି ସଦସ୍ୟଙ୍କ ସମେତ ବିଭିନ୍ନ ନିଯୋଗର ମୁଖ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଦାବିପତ୍ରରେ ଜଣାଯାଇଛି ଯେ, ଶ୍ରୀମନ୍ଦିର ଚାରିପାଖରେ ଯେଉଁ ଐତିହ୍ୟ କରିଡ଼ର ନିର୍ମାଣାଧୀନ ଅବସ୍ଥାରେ ରହିଛି, ଏହାକୁ ତୁରନ୍ତ ଶେଷ କରାଯାଉ। ଐତିହ୍ୟ କରିଡ଼ର ଶ୍ରୀଜଗନ୍ନାଥଧାମର ମହିମା ବଢ଼ାଇବ। ପୁରୀ ସହରବାସୀ ରାଜ୍ୟ ସରକାରଙ୍କୁ ଏହି କାର୍ଯ୍ୟରେ ସମର୍ଥନ କରୁଛନ୍ତି। ପୂର୍ବରୁ ସେବାୟତଙ୍କ ପାଖରେ ପରିକ୍ରମା ପ୍ରକଳ୍ପର ନକ୍ସା ଉପସ୍ଥାପନ କରାଯାଇଛି। ମନ୍ଦିର ସଂଲଗ୍ନ ସାତ ସାହି ଓ ସେବାୟତମାନେ ଜିଲା ପ୍ରଶାସନକୁ ସହଯୋଗ କରୁଛନ୍ତି। ମାତ୍ର ପରିତାପର ବିଷୟ ଯେ କିଛି ନିର୍ଦ୍ଦିଷ୍ଟ ରାଜନୈତିକ ନେତା ପରିକ୍ରମା ପ୍ରକଳ୍ପକୁ ବିରୋଧ କରି ରାଲି ଓ ଜନଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ତାହାକୁ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଉ। ସେହିଭଳି ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିର ଚାରିପଟେ ଓ ବଡ଼ଦାଣ୍ଡରେ କୌଣସି ବିକ୍ଷୋଭ କରାଯାଇପାରିବ ନାହିଁ। ଜିଲା ପ୍ରଶାସନ ଏ ନେଇ ପଦକ୍ଷେପ ନେଉ।

ସେବାୟତ ମଣ୍ଡଳୀ ମଧ୍ୟରେ ରଜତ କୁମାର ପ୍ରତିହାରୀ, ରାମଚନ୍ଦ୍ରଦାସ ମହାପାତ୍ର, ଜଗନ୍ନାଥ କର, ଗୌରହରି ପ୍ରଧାନ, ଗୁଣଧର ଦାସ ମହାପାତ୍ର ଓ ମାଧବ ଚନ୍ଦ୍ର ପୂଜାପଣ୍ଡାଙ୍କ ସହ ଅନ୍ୟମାନେ ସାମିଲ ଅଛନ୍ତି। ସେବାୟତମାନେ ଏଭଳି ଦାବିପତ୍ର ଜିଲା ପ୍ରଶାସନକୁ ଦେବା ପରେ ପୁରୀରେ ରାଜନୈତିକ ପାଣିପାଗ ବଦଳିଯାଇଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ବିରୋଧ କରି ଆଗାମୀ ଦିନରେ କରିବାକୁ ଥିବା ରାଲିକୁ ଟାର୍ଗେଟ କରି ପ୍ରଶାସନ ସେବାୟତଙ୍କ ମାଧ୍ୟମରେ କ୍ଷେତ୍ର ପ୍ରସ୍ତୁତ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ସରକାରୀ ଦପ୍ତରରୁ ମିଳିଥିବା ସୂଚନା ଅନୁଯାୟୀ, ଅପରାଜିତା ପୁରୀରେ ବିଶାଳ ଜନସମାଗମ ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ରାଲିରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ବିରୋଧରେ ବର୍ଷିବେ। ଯଦି ଏଭଳି ହୁଏ, ତେବେ ପ୍ରଶାସନ ପାଇଁ ପରିକ୍ରମା ପ୍ରକଳ୍ପକୁ ନେଇ ଅଡୁଆ ବଢ଼ିବ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ବିରୋଧ କରୁଥିବା ଲୋକେ ଅପରାଜିତାଙ୍କ ସହ ଯୋଡି ହେବା ପ୍ରଶାସନକୁ ଆହୁରି ଅସୁବିଧାରେ ପକାଉଛି। ବିଜେଡି ନେତାମାନେ ଶ୍ରୀଜଗନ୍ନାଥ ସେନାର ଆବାହକ ତଥା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ କଡ଼ା ଭାବେ ବିରୋଧ କରୁଥିବା ପ୍ରିୟଦର୍ଶନ ପଟ୍ଟନାୟକଙ୍କୁ ମଧ୍ୟ ଟାର୍ଗେଟ କଲେଣି। ପୁରୀର ପୂର୍ବତନ ଉପାଧ୍ୟକ୍ଷ ତଥା ବିଜେଡି ନେତା ସବ୍ୟସାଚୀ ମହାପାତ୍ର ପ୍ରିୟଦର୍ଶନ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି। ଏଭଳି ସ୍ଥିତିରେ ଅପରାଜିତାଙ୍କ ରାଲି ଦିନ ପ୍ରଶାସନ ସମ୍ପୂର୍ଣ୍ଣ ଅସହଯୋଗ କରିବ ବୋଲି ଆଭାସ ମିଳୁଛି। ସେହିଭଳି ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଅନୁମତି ନ ଥାଇ ଶ୍ରୀମନ୍ଦିର ଚାରିପାଖରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଚାଲିଛି ମାତ୍ର ପଦଯାତ୍ରା ପାଇଁ ଅନୁମତି ମିଳୁନି। ମହାପ୍ରଭୁ ଏସବୁର ବିଚାର କରିବେ। ଅନ୍ୟପକ୍ଷରେ ଆସନ୍ତା ୨୭ରେ ହେବାକୁ ଥିବା ରାଲି ପାଇଁ ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ଭାଜପାର ଏକ ପ୍ରମୁଖ ଗୋଷ୍ଠୀ ଶନିବାର ବୈଠକ କରୁଥିଲେ। ବୈଠକ ସମ୍ପର୍କରେ ଜଣେ ନେତା କହିଛନ୍ତି, ପ୍ରଶାସନ ରାଲି ପ୍ରସ୍ତୁତିରେ ଥିବା ସମସ୍ତଙ୍କୁ ଟାର୍ଗେଟ କରୁଛି। ବୈଠକ ଦିନ ମଧ୍ୟ ବାହାରେ ପୋଲିସ ସାଦା ପୋଷାକରେ ଉପସ୍ଥିତ ଥିଲେ। ରାଲି ନ କରିବା ପାଇଁ ଧମକ ଦିଆଯାଉଛି।

## ଆଜି ମହାପ୍ରଭୁଙ୍କ ପଇତାଲାଗି ନୀତି

**ପୁରୀ ଅଫିସ,୨୪।୪**

ବୈଶାଖ ମାସ କୃଷ୍ଣପକ୍ଷ ଦଶମୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିର ଶ୍ରୀବିଗ୍ରହମାନଙ୍କର ପଇତାଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଗୁପ୍ତନୀତି ମଧ୍ୟରେ ଏହି ନୀତି ପ୍ରମୁଖ। ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ନିମନ୍ତେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ମଇଲମ କରାଯିବା ପରେ ଲକ୍ଷ୍ମୀ ଏବଂ ସରସ୍ୱତୀ ଖଟଶେଯ ଘରକୁ ବିଜେ କରିବେ। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଶ୍ରୀବିଗ୍ରହଙ୍କ ପଇତାଲାଗି ନୀତି ନିମନ୍ତେ ଦଇତାପତି ସେବାୟତମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିବେ। ପାଟ ଡୋରିରେ ନିର୍ମିତ ହୋଇଥିବା ଜାଲିଯୁକ୍ତ ବସ୍ତ୍ରକୁ ମହାପ୍ରଭୁଙ୍କୁ ଲାଗି କରାଯିବ। ଯାହାକୁ ପଇତାଲାଗି ବୋଲି କୁହାଯାଇଥାଏ। ବର୍ଷକରେ ଦୁଇଥର ପଇତାଲାଗି ନୀତି ଅନୁଷ୍ଠିତ ହୋଇଥାଏ। ଚନ୍ଦନଯାତ୍ରା ପୂର୍ବରୁ ଏବଂ ମହାପ୍ରଭୁଙ୍କ ଘୋଡଲାଗି ପୂର୍ବରୁ ମହାପ୍ରଭୁଙ୍କ ଏହି ନୀତି ଅନୁଷ୍ଠିତ ହୋଇଥାଏ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

#### ହତ୍ୟା ଅଭିଯୋଗ ଆଣିଲେ ପରିବାର

କୋଣାର୍କ,୨୪।୪(ଡି.ଏନ୍.ଏ.): କୋଣାର୍କ ମାଧିପୁର ଛକ ନିକଟ ଭଗବତୀ ମହାବିଦ୍ୟାଳୟ ସମ୍ମୁଖ ରାସ୍ତା ପାର୍ଶ୍ୱ ଗଛରୁ ରବିବାର ଏକ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ନିମାପଡା ଥାନା ଅନ୍ତର୍ଗତ ତେରୁଣ୍ଡିଆ ଗ୍ରାମର ମୁନା ପଡ଼ିଆରୀ(୨୧)। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାରର ଅଭିଯୋଗରେ କୋଣାର୍କ ଥାନା ପୋଲିସ ନଂ. ୯୪/୨୨ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଯାଇଥିବା ଆଇଆଇସି ରଞ୍ଜନ ମଲ୍ଲିକ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ମୁନା ବେଙ୍ଗାଲୁରୁର ଏକ ଘରୋଇ ହୋଟେଲରେ କାର୍ଯ୍ୟ କରନ୍ତି। ଗତ ୨୧ ତାରିଖରେ ବେଙ୍ଗାଲୁରୁକୁ ଯାଉଥିବା ଘର ଲୋକଙ୍କୁ କହି ସେ ଘରୁ ବାହାରିଥିଲେ। କିନ୍ତୁ ସ୍ଥାନୀୟ ଲୋକେ ତାଙ୍କୁ କୋଣାର୍କ ମାଧିପୁର ଛକରେ ବୁଲୁଥିବାର ଦେଖିଥିଲେ। ପରେ ଲୋକେ ରବିବାର ସକାଳେ ଗଛରେ ମୃତଦେହ ଝୁଲୁଥିବାର ଦେଖି ପୋଲିସକୁ ଖବର ଦେବାରୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୁନାଙ୍କ ପ୍ୟାଣ୍ଟ ପକେଟ୍‌ରୁ ନଗଦ ୨୫୦୦ ଟଙ୍କା, ଜଣେ ଯୁବତୀଙ୍କ ଫଟୋ ସହ ଗୋଟେ ମୋବାଇଲ ଫୋନ ମିଳିଥିଲା।

### ଦିନକରେ ୨ ନାବାଳିକା ଅପହରଣ

ଗୋପ,୨୪।୪(ଡି.ଏନ୍.ଏ.): ଗୋପ ଥାନା ଅଧୀନ ପୟରା ପଞ୍ଚାୟତର ୨ଟି ଗାଁରୁ ୨ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ନଂ. ୧୨୬/୨୨ରେ ଏକ ମାମଲା ରୁଜୁ କରିଛି। ସେହି ୨ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ଜଣାପଡିଛି। ଏପରି ସମ୍ବେଦନଶୀଳ ଘଟଣାକୁ ଜିଲାର ସମସ୍ତ ଥାନାକୁ ଅବଗତ କରାଯାଇଥିବା ଗୋପ ଥାନା ଅଧିକାରୀ କାଳନ୍ଦୀ ବେହେରା କହିଛନ୍ତି। ଦିନ ଦ୍ୱିପ୍ରହରରେ ନାବାଳିକାଙ୍କୁ ଅପହରଣ କରାଯାଉଥିବା ପ୍ରତି ସଚେତନ ହେବାକୁ ସାଧାରଣରେ ମତପ୍ରକାଶ ପାଇଛି। ବର୍ତ୍ତମାନ ସମୟରେ ସମାଜରେ ମଣିଷ ନିଜେ ନିଜକୁ ଜଗିବା ଦରକାର ବୋଲି ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ କହିଛନ୍ତି।

### ଜାତୀୟ ପଞ୍ଚାୟତିରାଜ ଦିବସରେ ଗ୍ରାମସଭା

କାକଟପୁର,୨୪।୪(ଡି.ଏନ୍.ଏ.): ଜାତୀୟ ପଞ୍ଚାୟତିରାଜ ଦିବସରେ କାକଟପୁର ବ୍ଲକ ୧୬ଟି ପଞ୍ଚାୟତର ପ୍ରତିନିଧିଙ୍କ ସହ ପଞ୍ଚାୟତର ସାଧାରଣ ଲୋକମାନଙ୍କୁ ନେଇ ଏକ ଗ୍ରାମସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତି ପଞ୍ଚାୟତରେ ସରକାରଙ୍କ ଦ୍ୱାରା ନିଯୁକ୍ତିପ୍ରାପ୍ତ ସ୍ୱତନ୍ତ୍ର ଅଧିକାରୀ ଓ ଜି.ଆର୍.ଏସ୍.ମାନଙ୍କ ସହଯୋଗରେ ଗ୍ରାମାଞ୍ଚଳରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅଧୀନରେ ପ୍ରୋଜେକ୍ଟ ପ୍ରସ୍ତୁତ କରିବା ସହ ଗ୍ରାମସଭାର ଲକ୍ଷ୍ୟ ସମ୍ପର୍କରେ ସ୍ୱତନ୍ତ୍ର ଭାବେ ନିଯୁକ୍ତ ଅଧିକାରୀ ଉପସ୍ଥିତ ସଭାରେ ପ୍ରକାଶ କରିଥିଲେ।




ଦଶଭୁଜା ଗୋଟିପୁଅ ନୃତ୍ୟ ପରିଷଦର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଗୋଟିପୁଅ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

**ସାକ୍ଷୀଗୋପାଳ,୨୪।୪(ଡି.ଏନ୍.ଏ.)**

ପୁରୀ ଜିଲା ରଘୁରାଜପୁରରେ ୩ଦିନିଆ ଗୋଟିପୁଅ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣି ଦାସ ୮ମ ବାର୍ଷିକ ଗୋଟିପୁଅ ନୃତ୍ୟ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଦଶଭୁଜା ଗୋଟିପୁଅ ନୃତ୍ୟ ପରିଷଦ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନ କଳାକାରମାନେ 'ଦେଖଗୋ ରାଧାମାଧବ ଚାଲି' ଗୋଟିପୁଅ ନୃତ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ଘଣ୍ଟ, ମର୍ଦ୍ଦଳ, ବୀର କାହାଳୀ, ଆଲଟ, ଚାମଳ, ମଶାଲ, ଛତିତ୍ରାସ ସହିତ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ, ସମ୍ମାନିତ ଅତିଥି ଭାବେ ମଞ୍ଚ ନିର୍ଦ୍ଦେଶକ ପଦ୍ମଭୂଷଣ ଗୁରୁ ରାଜୀବ ସେଟ୍ଟ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, କୋଷାଧ୍ୟକ୍ଷ ନାରାୟଣ ଦାସ ଯୋଗଦେଇ କଳା ସଂସ୍କୃତିର ବିକାଶ ଦିଗରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗୁରୁ ମାଗୁଣି ଦାସ ସମ୍ମୁଖୀନ ପଦ୍ମଶ୍ରୀ ରାଜୀବ ସେଟ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜସ୍ଥାନ କଳାକାରମାନେ ଚକି ନୃତ୍ୟ ପରିବେଷଣ କରିଥିଲେ। ପୁରୀ ମାଲଖୟ, ମଣିପୁର ଲୋକନୃତ୍ୟ, ପୁରୁଲିଆ ଛଉନୃତ୍ୟ ପରିବେଷଣ କରାଯାଇଥିଲା। ସତ୍ୟପ୍ରିୟ ମହାନ୍ତି ସଂଯୋଜନା କରିଥିଲେ। ମହୋତ୍ସବ କମିଟିର ସଂଯୋଜକ ବସନ୍ତ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଛାତ୍ରୀମାନେ 'ସତ୍ୟର ସଂଳାପ' କବିତା ଗାଇଲେ

**କୋଣାର୍କ,୨୪।୪(ଡି.ଏନ୍.ଏ.):**

ଜାତୀୟ ଓ ରାଜ୍ୟ ଶିକ୍ଷକ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀଙ୍କ ଜୀବନବ୍ୟାପୀ କୃତିତ୍ୱର ସମୃଦ୍ଧ ସ୍ମୃତିକଳିକା 'ସତ୍ୟର ସଂଳାପ' ପୁସ୍ତକର ଲୋକାର୍ପଣ ଉତ୍ସବ ରବିବାର କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୁରୀର ଶ୍ରୀପର୍ଣ୍ଣା ପ୍ରକାଶିନୀ ଓ ସ୍ୱର୍ଣ୍ଣଲତା ତ୍ରିପାଠୀ ସମ୍ବର୍ଦ୍ଧନା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ରନାଥ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ଡ. ପ୍ରଭାକର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ର, ମୁଖ୍ୟବକ୍ତା ନିମାପଡା ଶିକ୍ଷା ଜିଲାର ପୂର୍ବତନ ଶିକ୍ଷାଧିକାରୀ ଡ. ପୀତବାସ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଶିଶୁପତ୍ରିକା ବାନରସେନାର ସମ୍ପାଦକ ପ୍ରକାଶଚନ୍ଦ୍ର ଖଟୋଇ, ରବୀନ୍ଦ୍ରନାଥ ସ୍ୱାଇଁ, ପୁରୀ ମଣ୍ଡଳ ଶିକ୍ଷାଧିକାରୀ ସୁରେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଏବିଇଓ ତଥା କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀଙ୍କର ଜୀବନବ୍ୟାପୀ ସାଧନା ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀପର୍ଣ୍ଣା ପ୍ରକାଶନୀର ସମ୍ପାଦକ କବି ଉମାକାନ୍ତ ମହାପାତ୍ର ଲୋକାର୍ପିତ ପୁସ୍ତକ 'ସତ୍ୟର ସଂଳାପ'ର ଟିପ୍ପଣୀ ରଖିଥିଲେ। ଶିକ୍ଷାବିତ୍ ପ୍ରତାପ ରାଉତ ଉତ୍ସବର ସଂଯୋଜନା କରିଥିଲେ। ବିନାୟକ ଇଂଲିଶ ମିଡିୟମ ସ୍କୁଲ, ଦଳନଈର ଛାତ୍ରୀମାନେ କବୟିତ୍ରୀ ସ୍ୱର୍ଣ୍ଣଲତାଙ୍କ ରଚିତ କବିତା ଗାନ କରିଥିଲେ।

## ସୁପ୍ରିମକୋର୍ଟ ବିଚାରପତିଙ୍କ ଶ୍ରୀମନ୍ଦିର ଗସ୍ତ

**ପୁରୀ ଅଫିସ, ୨୪।୪**

ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ରବୀନ୍ଦ୍ର ଭଟ୍ଟ ତାଙ୍କ ଧର୍ମପତ୍ନୀଙ୍କ ସହ ରବିବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ କରିଛନ୍ତି। ବିଚାରପତି ରବୀନ୍ଦ୍ର ଭଟ୍ଟ ଏବଂ ତାଙ୍କର ଧର୍ମପତ୍ନୀ ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପୂର୍ବାହ୍ନ ୧୧ଟା ୩୦ରେ ପହଞ୍ଚିଥିଲେ। ସେଠାରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ସେବାୟତମାନଙ୍କ ପକ୍ଷରୁ ଜଷ୍ଟିସ୍ ଭଟ୍ଟଙ୍କୁ ସ୍ୱାଗତ କରି ଶ୍ରୀମନ୍ଦିରକୁ ପାଛୋଟି ନିଆଯାଇଥିଲା। ଜଷ୍ଟିସ୍ ଭଟ୍ଟ ଏବଂ ତାଙ୍କ ଧର୍ମପତ୍ନୀ ବାଇଶ ପାହଚ ଦେଇ ଶ୍ରୀମନ୍ଦିରକୁ ଯାଇ ଭିତର କାଠ ନିକଟରେ ରତ୍ନସିଂହାସନ ରଢ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିରରେ କିଛି ସମୟ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଜଷ୍ଟିସ ଭଟ୍ଟ ଓ ଧର୍ମପତ୍ନୀଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆପାଟ, ପତିତପାବନ ବାନା, ମାଳାମହାର୍ଦ୍ଦି, ମହାପ୍ରସାଦ, ମହାପ୍ରଭୁଙ୍କ ସ୍ମାରକୀ ପ୍ରଦାନ କରାଯାଇଥିଲା।

## ପୁରୀରେ ପହଞ୍ଚିଲା ପଞ୍ଚମ ପର୍ଯ୍ୟାୟ ରଥ କାଠ

**ପୁରୀ ଅଫିସ,୨୪।୪**

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚଳିତବର୍ଷ ରଥଯାତ୍ରା ପାଇଁ ପୂର୍ବରୁ ନୟାଗଡ ବନଖଣ୍ଡରୁ ଚତୁର୍ଥ ପର୍ଯ୍ୟାୟରେ ରଥ କାଠ ପୁରୀରେ ପହଞ୍ଚିଥିଲା। ରବିବାର ବୌଦ୍ଧ ଜିଲା ମନମୁଣ୍ଡା ବନଖଣ୍ଡରୁ ପଞ୍ଚମ ପର୍ଯ୍ୟାୟରେ ଦୁଇଟି ରଥକାଠ ବୋଝେଇ ଗୋଟିଏ ବଡ ଟ୍ରକରେ ପୁରୀରେ ଆସି ପହଞ୍ଚିଛି। ଏଥିରେ ସମୁଦାୟ ୮୬ ଖଣ୍ଡ ଅସନ ଓ ଧଉରା କାଠ ରହିଛି। ଖଣ୍ଡ କାଠ ମଧ୍ୟରେ ୧୨ ଫୁଟିଆ, ୨୦ ଫୁଟିଆ ଏବଂ ୪୦ ଫୁଟିଆ ଧଉରା ଓ ଅସନ କାଠ ରହିଛି। ତେବେ ଚଳିତବର୍ଷ ରଥଯାତ୍ରା ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବ ବର୍ଷରୁ ୮୦ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତ ରଥଯାତ୍ରା ପାଇଁ ୭୮୫ ଖଣ୍ଡ କାଠର ଆବଶ୍ୟକ ରହିଛି। ରଥ ସଂହିତା ଅନୁଯାୟୀ ଶ୍ରୀପଞ୍ଚମୀରେ ରଥକାଠ ପୂଜା ଅନୁକୂଳ ହୋଇଥିଲା।

## ଚେଷ୍ଟକନ୍ - ୨୦୨୨ ଉଦ୍‌ଯାପିତ

**ପୁରୀ ଅଫିସ,୨୪।୪:**

### ଛାତି, ଶ୍ୱାସ ରୋଗ ସମ୍ପର୍କିତ କର୍ମଶାଳା

ଗୋଟିଏ ମଶାଧୂପ ଶହେଟି ସିଗାରେଟ୍ ସହ ସମାନ। ଏଣୁ ଲୋକେ ମଶାଧୂପ ନ ଜାଳି ମଶାରି ବ୍ୟବହାର କରନ୍ତୁ। ପୁରୀରେ ଚାଲିଥିବା ଦୁଇଦିନିଆ ଛାତିରୋଗ ଓ ଶ୍ୱାସରୋଗ ସମସ୍ୟା ସମ୍ପର୍କିତ କର୍ମଶାଳା ଚେଷ୍ଟକନ୍-୨୦୨୨ର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ବିଶେଷଜ୍ଞ ଡାକ୍ତରମଣ୍ଡଳୀ ଏଭଳି ପରାମର୍ଶ ଦେଇଛନ୍ତି। ଭାରତର ଅନେକ ବିଶେଷଜ୍ଞ ଓ ଡାକ୍ତର ଏହି କର୍ମଶାଳାରେ ଯୋଗଦେଇ କରୋନାଠାରୁ ଆରମ୍ଭ କରି ଶ୍ୱାସରୋଗ, ଛାତିରୋଗର ଚିକିତ୍ସା ଓ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। କରୋନା ସଂକ୍ରମଣର ଛାତିରୋଗର ନିରାକରଣ ଓ ଚିକିତ୍ସାକୁ ନେଇ ଜନସଚେତନତା ବଢ଼ିବାରେ ଲାଗିଛି। ପୁରୀ ଆଇଡିଏବ୍ ମୁଖ୍ୟ ସୁଦର୍ଶନ ପୋଥାଳ କହିଛନ୍ତି, ଦୁଇ ଦିନିଆ କର୍ମଶାଳାର ପ୍ରଥମ ଦିନରେ ୱାର୍କଶପ୍ କରିଛୁ। ୱାର୍କଶପ୍‌ରେ ଆଜ୍‌ମା, ଶ୍ୱାସରୋଗୀମାନେ କିଭଳି ଭାବେ ରୋଗକୁ ଚିହ୍ନଟ କରିପାରିବେ ଓ ଠିକ୍ ଚିକିତ୍ସା କରିପାରିବେ ସେଦିଗରେ ପରାମର୍ଶ ଦିଆଯାଇଛି। କୋଭିଡ୍‌ଜନିତ ରୋଗୀଙ୍କ ମଧ୍ୟରେ ଛାତି ଯନ୍ତ୍ରଣା ଏକ ସାଧାରଣ ଲକ୍ଷଣ ହୋଇଥିବା ହେତୁ ରୋଗୀଙ୍କୁ କିଭଳି ଭାବେ ଛାତି ଯନ୍ତ୍ରଣା ଓ ସଂକ୍ରମଣରୁ ରକ୍ଷା କରାଯାଇପାରିବ ତାହା ଆଲୋଚନା ହୋଇଛି। ସେହିଭଳି ଡାକ୍ତର ଉତ୍ପଳ ନନ୍ଦୀ କହିଛନ୍ତି, ଟିବି ବିଭିନ୍ନ ପ୍ରକାରରେ ଦେଖାଯାଉଛି। ଏହାର ଡାଇଗ୍ନୋଷ୍ଟିକ ମଧ୍ୟ ଭିନ୍ନ ଭିନ୍ନ। ରାଜ୍ୟ ବାହାରୁ ଆସିଥିବା ଡାକ୍ତରମାନେ ଉନ୍ନତ ଚିକିତ୍ସା ଜ୍ଞାନକୌଶଳ ସମ୍ପର୍କରେ ଓଡ଼ିଶାର ଡାକ୍ତରଙ୍କ ସହ ଆଲୋଚନା କରିବେ। ଏହି କର୍ମଶାଳାକୁ ଓଡ଼ିଶାର ଅନେକ ଯୁବ ଡାକ୍ତରଙ୍କୁ ନିମନ୍ତ୍ରଣ କରାଯାଇଛି। ଉନ୍ନତ ଜ୍ଞାନକୌଶଳ ସେମାନଙ୍କ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ହେବ। ରାଜ୍ୟ ବାହାରୁ ଚେନ୍ନାଇ, ଆନ୍ଧ୍ରପ୍ରଦେଶ, କେରଳ ସହ ଉତ୍ତର ଭାରତର ଅନେକ ରାଜ୍ୟର ଡାକ୍ତରମାନେ ଏହି କର୍ମଶାଳାରେ ଯୋଗଦେଇଛନ୍ତି।

## ନିଶାଣ ଐତିହ୍ୟର ଚିହ୍ନ, ଆଖଡ଼ାର ଗର୍ବ




ଆମେ ଶ୍ରୀକ୍ଷେତ୍ରବାସୀ ଅନୁଷ୍ଠାନ ପକ୍ଷରୁ ସାହିଯାତରେ ସାମିଲ କୁନି କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ପୁରୀ ଅଫିସ, ୨୪।୪**

ରାମାଭିଷେକ ତିଥି ରବିବାର ଆମେ ଶ୍ରୀକ୍ଷେତ୍ରବାସୀ ଅନୁଷ୍ଠାନ ପକ୍ଷରୁ ଶ୍ରୀକ୍ଷେତ୍ରର ପରମ୍ପରା ସଂସ୍କୃତି ଓ ସମ୍ମାନର ବାର୍ତ୍ତାବହ ହେଉଛି ସାହିଯାତ ଶୀର୍ଷକ ଏକ କାର୍ଯ୍ୟକ୍ରମ ବଡ଼ଦାଣ୍ଡସ୍ଥିତ ଭକ୍ତ ସାଲବେଗ ପୀଠ ପରିସରରେ ଅନୁଷ୍ଠିତ ହୋଇଛି। ସାହିଯାତର ପରମ୍ପରା ଓ ତା'ର ପ୍ରତୀକ ନିଶାଣକୁ ନେଇ ମଞ୍ଚାସୀନ ଶ୍ରୀକ୍ଷେତ୍ର ପାଇକ ଆଖଡ଼ା ଓସ୍ତାଦ ଗୁରୁ ଶ୍ରୀଧର ସାମନ୍ତରାୟ କହିଥିଲେ, ନିଶାଣ ହେଉଛି ଐତିହ୍ୟର ଚିହ୍ନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପଣ ଭାବ ତଥା ଶ୍ରୀକ୍ଷେତ୍ର ପ୍ରତି ଜାଗା ଆଖଡ଼ାର ରହିଥିବା ଅତୁଳନୀୟ ଅବଦାନର ଗାଥା ବାଖାଣିଥାଏ ନିଶାଣ। ନିଶାଣ ହେଉଛି ଆଖଡ଼ାର ଗର୍ବ ଓ ଗୌରବର ପ୍ରତୀକ। ପରେ କୁନି କଳାକାର ଅର୍ପିତା ପ୍ରିୟଦର୍ଶିନୀ ଏବଂ ବାଲିସାହିର ଅଭୟ କୁମାର ଦାସଙ୍କୁ ଚଳିତବର୍ଷ ସାହିଯାତରେ ଉତ୍କର୍ଷ କଳା ପ୍ରଦର୍ଶନ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସାହିଯାତର ସଂସ୍କୃତି ଓ ପରମ୍ପରାର ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମ ଜରିଆରେ ଗୁରୁ ଦାୟିତ୍ୱ ବହନ କରିଥିବାରୁ ସୁବ୍ରତ ସାହୁ, ଶୁଭ ସଂକଳ୍ପ ରଥ ଓ ରୋହିତ କୁମାର ଦୋରା ପ୍ରଚାରପ୍ରସାର ଦିଗରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦସ୍ୟ ଶଙ୍କର ପଣ୍ଡା, ସୁକାନ୍ତ ପଣ୍ଡା, ବ୍ରଜକିଶୋର ସାହୁ, ଦୀପକ ପଣ୍ଡା ଓ ସତ୍ୟନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବିଦୀର୍ଣ୍ଣ ହୃଦୟର ଲୋକାର୍ପଣ

**ପୁରୀ ଅଫିସ,୨୪।୪**

ସାହିତ୍ୟ ସନ୍ଧ୍ୟା ସଂସଦ ତରଫରୁ କବି ଜାନକୀ ଦାସଙ୍କ ତୃତୀୟ ଗୀତି କବିତା ସଂକଳନ ବିଦୀର୍ଣ୍ଣ ହୃଦୟର ଲୋକାର୍ପଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ ଉମାକାନ୍ତ ମହାପାତ୍ର ଓ ସଭାପତିଭାବେ ମାନସ ରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଆବାହକ ବିପିନ ଦଳେଇ ପ୍ରକାଶିତ ପୁସ୍ତକରୁ କବିତା ପାଠ କରିଥିଲେ। ଆୟୋଜିତ ସଭାରେ କବି ଚିନ୍ମୟ ବିବେକ, ଶ୍ୟାମପ୍ରକାଶ ସେନାପତି, ଯୋଗେଶ ପ୍ରହରାଜ, ପ୍ରତିଷ୍ଠାତା ସଭ୍ୟ ନବରାମ ପ୍ରଧାନ, ମନମାୟୀ ରଥ, ରଜତ ମହାନ୍ତି, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ଅତିଥି କବି ଉମା ଦାସ, ପ୍ରତିମା ସୁଆର, ନିଷ୍ଠା ଦାସ, କବି ଜାନକୀ ଦାସ ପ୍ରଭୃତି ଯୋଗଦେଇଥିଲେ। କବି ଶ୍ୟାମପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ।




ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ରବିବାର ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ଧାନ ମନ୍ତ୍ର ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

## 'ଫେସେସ୍ ଅଫ୍ ଇନ୍‌ଇକ୍ୱାଲିଟି'ରେ ସ୍ୱରହୀନଙ୍କ ବ୍ୟଥା

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**

ଭାରତରେ ଅବହେଳିତ ହୋଇ ରହିଥିବା ସ୍ୱରହୀନଙ୍କ କଥା ଓ ବ୍ୟଥା ସାଧାରଣତଃ ଗଣମାଧ୍ୟମରେ ଗୁରୁତ୍ୱ ବହନ କରୁ ନାହିଁ। ଏଭଳି ସ୍ଥଳେ ଅସମାନତାର ବାସ୍ତବ ଛବିକୁ ନେଇ ସାମ୍ବାଦିକ ପ୍ରଦୀପ ବୈଶାଖଙ୍କ ପୁସ୍ତକ 'ଫେସେସ୍ ଅଫ୍ ଇନ୍‌ଇକ୍ୱାଲିଟି: ଷ୍ଟୋରିଜ ଅଫ୍ ଦ ପୋର୍ ଆଣ୍ଡ ଅଣ୍ଡରପ୍ରିଭିଲେଜଡ୍ ଫ୍ରମ୍ ଇଣ୍ଡିଆଜ୍ ଗ୍ରାସରୁଟ୍‌ସ' ଏକ ଦିଗବାରେଣୀ ବୋଲି ଏହାର ଉନ୍ମୋଚନ ଅବସରରେ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି।

ରବିବାର ସୂଚନା ଭବନ ପ୍ରଦର୍ଶନୀ ହଲ୍‌ରେ ଏହି ବହି ଉନ୍ମୋଚନ ଓ ଏହାର ବିଷୟବସ୍ତୁର କିୟଦଂଶକୁ ନେଇ ହୋଇଥିବା ଆଲୋଚନା ଚକ୍ରରେ ସାମ୍ବାଦିକ ରବି ଦାସ, ଡେଭେଲପମେଣ୍ଟ ପ୍ରଫେଶନାଲ ଉମି ଡାନିଏଲ ଓ ସାମ୍ବାଦିକା ଶାରଦା ଲାହାଙ୍ଗିର ଭାଗ ନେଇଥିଲେ। ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗ୍ରାଉଣ୍ଡ ରିପୋର୍ଟିଂ ପରେ ପ୍ରଦୀପ ଏହି ପୁସ୍ତକକୁ ରଚନା କରିଛନ୍ତି। ଦାରିଦ୍ର୍ୟ ଓ ଅସମାନତାକୁ ନେଇ ଭାରତ ତଥା ବିଦେଶର ବିଭିନ୍ନ ଖବରକାଗଜ ଓ ପତ୍ରିକାରେ ଲେଖକଙ୍କ ତୃଣମୂଳ ଲେଖାଗୁଡ଼ିକ ସ୍ଥାନିତ ହୋଇଛି। 'ଓଡ଼ିଶାର ବିକାଶ ଅନ୍ତର୍ଭୁକ୍ତୀକରଣ କି' ଶୀର୍ଷକ ଆଲୋଚନା ବେଳେ ରବି ଦାସ କହିଥିଲେ, ସବୁ କ୍ଷେତ୍ରରେ ଅସମାନତା ବଢୁଛି। ସମ୍ପଦକୁ ଠିକ୍ ଭାବେ ବିନିଯୋଗ କରାଯାଇପାରିଲେ ପରିବର୍ତ୍ତନ ଆସିବ। ହାତପାଆନ୍ତାରେ ମୌଳିକ ଆବଶ୍ୟକତା ନ ମିଳିଲେ ବିକାଶରେ ଅନ୍ତର୍ଭୁକ୍ତୀକରଣ ଆସିପାରିବ ନାହିଁ ବୋଲି ଶାରଦା କହିଥିଲେ। ଏହି ପରିପ୍ରେକ୍ଷୀରେ ସେ କାଶୀପୁରରେ ଆମ୍ବଟାକୁଆ ଖାଇ ଲୋକଙ୍କ ମୃତ୍ୟୁ ଘଟଣା ଉଲ୍ଲେଖ କରିଥିଲେ। ଅନ୍ୟତମ ଆଲୋଚକ ଉମି ଡାନିଏଲ୍ ପ୍ରବାସୀ ଶ୍ରମିକଙ୍କ ଦୁଃଖ ଓ ଦକ୍ଷତା ବିକାଶ ଲାଗି ପ୍ରଶିକ୍ଷଣ ନେଉଥିବା ଯୁବତୀଯୁବକଙ୍କ ଅସହାୟତା ବିଷୟରେ ବଖାଣିଥିଲେ। ଓଡ଼ିଶାରେ ସିଲେଇ ଶିଖୁଥିବା ଯୁବତୀଙ୍କୁ ସମୁଦାୟ ଶାର୍ଟଟିଏ କରିବା ଲାଗି ସମ୍ପୂର୍ଣ୍ଣ ତାଲିମ ଦିଆଯାଇପାରୁ ନ ଥିବାରୁ ପରବର୍ତ୍ତୀ ସମୟରେ ସେ କିଭଳି ଅସହାୟ ହୋଇପଡୁଛନ୍ତି ତାହା ଦର୍ଶାଇଛନ୍ତି।




ସାମାଜିକ କର୍ମୀ ସନ୍ଦୀପ ପଟ୍ଟନାୟକ, ସାମ୍ବାଦିକ ଅକ୍ଷୟ ସାହୁ, ରବି ଦାସ, ଡେଭେଲପମେଣ୍ଟ ପ୍ରଫେସନାଲ ଉମି ଡାନିଏଲ୍, ସାରଦା ଲାହାଙ୍ଗିର ଓ ଲେଖକ ପ୍ରଦୀପ ବୈଶାଖ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଲେଖକ ପ୍ରଦୀପ ବଲାଙ୍ଗୀର ଜିଲାରେ ୨୦୦୯ରେ ଖିଷ୍ଟୁ ବରିହାଙ୍କ ପରିବାରର ଅନାହାର ମୃତ୍ୟୁକୁ ପ୍ରଥମେ 'ଧରିତ୍ରୀ' ପ୍ରକାଶ କରିଥିଲା ବୋଲି କହିଥିଲେ। କିନ୍ତୁ ପରେ ଏହି ଘଟଣାକୁ ମ୍ୟାଲେରିଆ ରୋଗରେ ମୃତ୍ୟୁ ଘଟିଥିବା ଅନ୍ୟାନ୍ୟ ଗଣମାଧ୍ୟମ ଓ ସରକାର ଘୋଷଣା କରିଥିଲେ ବୋଲି କହିଥିଲେ। ତେଣୁ ଏହିଭଳି ଅନେକ ଘଟଣାକୁ ଠିକ୍ ଭାବେ ଅନୁସନ୍ଧାନ କରି ପ୍ରକୃତ ଖବର କିଭଳି ଜାଣିହେବ ସେ ନେଇ ଏହି ପୁସ୍ତକ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ। ସାମ୍ବାଦିକ ଅକ୍ଷୟ ସାହୁ ମଞ୍ଚ ପରିଚାଳନା କରିବା ବେଳେ ଏ ଦିଗରେ ଗଣମାଧ୍ୟମର ଭୂମିକା ନେଇ କିଛି ତଥ୍ୟ ରଖିଥିଲେ। ତେବେ କିଛି ଖବରକାଗଜରେ କୋଭିଡ୍ ତଥ୍ୟକୁ ନେଇ ମତ ଦେବା ବେଳେ ଦର୍ଶକଙ୍କ ମଧ୍ୟରୁ ତାଙ୍କୁ ଅନ୍ୟ ଗଣମାଧ୍ୟମର ବାସ୍ତବ ସ୍ଥିତି ବାଢ଼ନ୍ତୁ ବୋଲି ସୂଚାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସନ୍ଦୀପ ପଟ୍ଟନାୟକ ଓ ଅଶୋକ ଦାସ ଉପସ୍ଥିତ ଥିଲେ।

**ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ପାଇଁ ପ୍ରତିଯୋଗିତା**

ଆଠଗଡ଼,(ସ୍ୱ.ପ୍ର.): ବିଦ୍ୟାଳୟସ୍ତରରେ ଛାତ୍ରାଛାତ୍ରୀଙ୍କ ମନରେ ଓଡ଼ିଆ ଭାଷା ପ୍ରତି ଭଲପାଇବା ସୃଷ୍ଟି କରିବାକୁ ଆଠଗଡର ଫୋରମ୍ ଅଫ ଏକାଡେମିକ ପକ୍ଷରୁ ହସ୍ତାକ୍ଷର, ଶ୍ରୁତ ଲିଖନ ଓ ଶୁଦ୍ଧ ଓଡ଼ିଆ ଲିଖନ ପ୍ରତିଯୋଗିତା କରାଯାଇଛି। ଆଗାମୀ ୨୬ ତାରିଖରେ ଅନ୍‌ଲାଇନ କୁଇଜ ମାଧ୍ୟମରେ କବି ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ ଭଗବତୀ ଚରଣ ମହାପାତ୍ରଙ୍କ ରଚିତ କ୍ଷୁଦ୍ରଗଳ୍ପ ଓ ଜୀବନୀକୁ ନେଇ ସାଧାରଣ ଜ୍ଞାନ ପରୀକ୍ଷା କରିବା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ଛାତ୍ରାଛାତ୍ରୀଙ୍କ ନାମ ପଞ୍ଜୀକରଣ କରିବାକୁ ଆହ୍ୱାନ ଦିଆଯାଇଛି। ଏସମ୍ପର୍କରେ ସୋମବାର ବିଜେଡି ଏବଂ ଫୋରମ ଅଫ୍ ଏକାଡେମିକ ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପରେ ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### କେନାଲ ବନ୍ଧ ରାସ୍ତା ମରାମତି କଲେ ଗ୍ରାମବାସୀ

କଟକ ସଦର,୨୪।୪(ଡି.ଏନ୍.ଏ.)- ତାଳଦଣ୍ଡା ମୁଖ୍ୟ କେନାଲର ବିରିବାଟୀ-ମଉଗଜପୁର ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ଅବସ୍ଥାରେ ରହିଥିଲା। ରାସ୍ତାରେ ବଡ ଖାଲ ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଥିଲା। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ରବିବାର ଗ୍ରାମବାସୀ ରାସ୍ତା ମରାମତି କରିଛନ୍ତି। ନିରଞ୍ଜନ ପ୍ରଧାନ, ଗିରିଶ ଚନ୍ଦ୍ର ପ୍ରଧାନ, ଆଶିଷ ପ୍ରଧାନ, ଆଦିକନ୍ଦ ରାଉତ, ଜାକେସ ରାଉତଙ୍କ ସମେତ ଡିହସାହି (ଗଡିରାଉତପାଟଣା) ଗ୍ରାମବାସୀ ରାସ୍ତା ମରାମତି କରିଥିଲେ। ତୁରନ୍ତ ରାସ୍ତାର ସ୍ଥାୟୀ ନବୀକରଣ କାମ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ନିଖିଳ ଓଡ଼ିଶା ନୋଟାରି ମହାସଂଘର କାର୍ଯ୍ୟକାରୀ କମିଟି ବୈଠକ

କଟକ ଅଫିସ, ୨୪।୪- ନିଖିଳ ଓଡ଼ିଶା ନୋଟାରି ମହାସଂଘର କାର୍ଯ୍ୟକାରୀ କମିଟି ବୈଠକ କଟକ ଖାନ୍‌ନଗରସ୍ଥିତ କାଳୀଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ମହେନ୍ଦ୍ର କୁମାର ବସ୍ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ନଳିନୀକାନ୍ତ ମିଶ୍ର ବିବରଣୀ ପାଠ କରିଥିଲେ। ମହାସଂଘର କାର୍ଯ୍ୟକାରୀ ସଭାପତି ସଂଘମିତ୍ର ବେହେରାଙ୍କ ଅକାଳ ବିୟୋଗ ଯୋଗୁ ଉକ୍ତ ପଦବୀ ଖାଲିପଡିଛି। ତେଣୁ ସର୍ବସମ୍ମତିକ୍ରମେ ଉପସଭାପତି ଅଖିଳ କୁମାର ରଥଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିସହ ମହାସଂଘର ଏକ ୱେବ୍‌ସାଇଟ୍ ଖୋଲାଯିବା ଓ ଅନ୍ୟାନ୍ୟ ପ୍ରସ୍ତାବ ଉପରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଦୀପନ କୁମାର ମହାନ୍ତି, ଦୀପକ କୁମାର ପୁରୋହିତ, ବେଣୁଧର ସାହୁ, ଜନ୍ମେଜୟ ରାଉତରାଏ, ଗୋଲକ ବିହାରୀ ସୂତାର, ଅମ୍ବିକା ସାମଲ, ଚନ୍ଦ୍ରକାନ୍ତ ପାତ୍ର, ପ୍ରଦୀପ୍ତ କିଶୋର ମହାପାତ୍ର, ଦିଲୀପ କୁମାର ବରାଳ ଓ ବେଣୁଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ୪୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ରାଶନ ସାମଗ୍ରୀ ବଣ୍ଟନ

କଟକ ଅଫିସ, ୨୪।୪- ରମ୍‌ଜାନ୍ ମାସ ଅବସରରେ ସାମାଜିକ ଅନୁଷ୍ଠାନ 'ଜଜ୍‌ବା' ପକ୍ଷରୁ ଗରିବ, ଅସହାୟ ଓ ଶ୍ରମିକ ଶ୍ରେଣୀର ୪୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ଅନୁଷ୍ଠାନର ଅଧକ୍ଷ ସଫଦର ହାସିମ୍‌ଙ୍କ ନେତୃତ୍ୱରେ କଟକ ବକ୍ସିବଜାରସ୍ଥିତ ନାରୀସେବା ସଦନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିସହିତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ କଟକ ମହାନଗର ନିଗମ ତରଫରୁ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମ ଜରିଆରେ ସମ୍ବର୍ଦ୍ଧିତ କରାଯିବ ବୋଲି ଘୋଷଣା କରିଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ରାଜ୍ୟ ଭୂତତ୍ତ୍ୱ ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ନାଫିସ ମନଜର ହାସନ, ସାମାଜିକ କର୍ମୀ ସେକ୍ କଲିମୁଲ୍ଲା, ସୟଦ୍ ସେମିନାର ସ୍କୁଲର ସମ୍ପାଦକ ସୟଦ୍ ଏହେସାନ, ସାୟର ସୌକତ ଅଲ୍ଲି, ସିଏମ୍‌ସି ୱାର୍ଡ ଅଫିସର ବସନ୍ତ କୁମାର ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍.କେ. ମୁମତାଜିନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

ବାଙ୍କୀ,୨୪।୪(ସ୍ୱ.ପ୍ର.)- ବାଙ୍କୀ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତର ବାଲିପାହା ପାଇକ ସାହିରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ଏଥିରେ ରବୀନ୍ଦ୍ର ପ୍ରଧାନ, ମାନସ ପ୍ରଧାନ, ସୁଷମା ପ୍ରଧାନ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ସେମାନଙ୍କ ଘରର ସମସ୍ତ ଆସବାବପତ୍ର ଜଳିଯାଇଛି। ବାଙ୍କୀ ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି।

# 'ଫେସେସ୍ ଅଫ୍ ଇନ୍‌ଇକ୍ୱାଲିଟି'ରେ ସ୍ୱରହୀନଙ୍କ ବ୍ୟଥା

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

ଭାରତରେ ଅବହେଳିତ ହୋଇ ରହିଥିବା ସ୍ୱରହୀନଙ୍କ କଥା ଓ ବ୍ୟଥା ସାଧାରଣତଃ ଗଣମାଧ୍ୟମରେ ଗୁରୁତ୍ୱ ବହନ କରୁ ନାହିଁ। ଏଭଳି ସ୍ଥଳେ ଅସମାନତାର ବାସ୍ତବ ଛବିକୁ ନେଇ ସାମ୍ବାଦିକ ପ୍ରଦୀପ ବୈଶାଖଙ୍କ ପୁସ୍ତକ 'ଫେସେସ୍ ଅଫ୍ ଇନ୍‌ଇକ୍ୱାଲିଟି: ଷ୍ଟୋରିଜ ଅଫ୍ ଦ ପୋର୍ ଆଣ୍ଡ ଅଣ୍ଡରପ୍ରିଭିଲେଜଡ୍ ଫ୍ରମ୍ ଇଣ୍ଡିଆଜ୍ ଗ୍ରାସରୁଟ୍‌ସ' ଏକ ଦିଗବାରେଣୀ ବୋଲି ଏହାର ଉନ୍ମୋଚନ ଅବସରରେ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି।

ରବିବାର ସୂଚନା ଭବନ ପ୍ରଦର୍ଶନୀ ହଲ୍‌ରେ ଏହି ବହି ଉନ୍ମୋଚନ ଓ ଏହାର ବିଷୟବସ୍ତୁର କିୟଦଂଶକୁ ନେଇ ହୋଇଥିବା ଆଲୋଚନା ଚକ୍ରରେ ସାମ୍ବାଦିକ ରବି ଦାସ, ଡେଭେଲପମେଣ୍ଟ ପ୍ରଫେଶନାଲ ଉମି ଡାନିଏଲ ଓ ସାମ୍ବାଦିକା ଶାରଦା ଲାହାଙ୍ଗିର ଭାଗ ନେଇଥିଲେ। ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗ୍ରାଉଣ୍ଡ୍ ରିପୋର୍ଟିଂ ପରେ ପ୍ରଦୀପ ଏହି ପୁସ୍ତକକୁ ରଚନା କରିଛନ୍ତି। ଦାରିଦ୍ର୍ୟ ଓ ଅସମାନତାକୁ ନେଇ ଭାରତ ତଥା ବିଦେଶର ବିଭିନ୍ନ ଖବରକାଗଜ ଓ ପତ୍ରିକାରେ ଲେଖକଙ୍କ



ସାମାଜିକ କର୍ମୀ ସନ୍ଦୀପ ପଟ୍ଟନାୟକ, ସାମ୍ବାଦିକ ଅକ୍ଷୟ ସାହୁ, ରବି ଦାସ, ଡେଭଲପମେଣ୍ଟ ପ୍ରଫେଶନାଲ ଉମି ଡାନିଏଲ୍, ଶାରଦା ଲାହାଙ୍ଗିର ଓ ଲେଖକ ପ୍ରଦୀପ ବୈଶାଖ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ତୃଣମୂଳ ଲେଖାଗୁଡ଼ିକ ସ୍ଥାନିତ ହୋଇଛି। କ୍ଷୁଧା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସୂଚନା ଅଧିକାର, ଜଙ୍ଗଲ ସମସ୍ୟା, ଶିଳ୍ପାୟନ, ହିଂସା, କୃଷି ସମସ୍ୟା, ଚାଷୀ ଆତ୍ମହତ୍ୟା, ଶ୍ରମିକ ଯନ୍ତ୍ରଣା, ଦୁର୍ବିପାକ ଭଳି ବିଷୟ ଏଥିରେ ରହିଛି। 'ଓଡ଼ିଶାର ବିକାଶ ଅନ୍ତର୍ଭୁକ୍ତୀକରଣ କି' ଶୀର୍ଷକ ଆଲୋଚନା ବେଳେ ରବି ଦାସ କହିଥିଲେ, ସବୁ କ୍ଷେତ୍ରରେ ଅସମାନତା ବଢୁଛି। ସମ୍ପଦକୁ ଠିକ୍ ଭାବେ ବିନିଯୋଗ କରାଯାଇପାରିଲେ ପରିବର୍ତ୍ତନ ଆସିବ। ହାତପାଆନ୍ତାରେ ମୌଳିକ ଆବଶ୍ୟକତା ନ ମିଳିଲେ ବିକାଶରେ ଅନ୍ତର୍ଭୁକ୍ତୀକରଣ ଆସିପାରିବ ନାହିଁ ବୋଲି ଶାରଦା କହିଥିଲେ। ଏହି ପରିପ୍ରେକ୍ଷୀରେ ସେ କାଶୀପୁରରେ ଆମ୍ବଟାକୁଆ ଖାଇ ଲୋକଙ୍କ ମୃତ୍ୟୁ ଘଟଣା ଉଲ୍ଲେଖ କରିଥିଲେ। ଅନ୍ୟତମ ଆଲୋଚକ ଉମି ଡାନିଏଲ୍ ପ୍ରବାସୀ ଶ୍ରମିକଙ୍କ ଦୁଃଖ ଓ ଦକ୍ଷତା ବିକାଶ ଲାଗି ପ୍ରଶିକ୍ଷଣ ନେଉଥିବା ଯୁବତୀଯୁବକଙ୍କ ଅସହାୟତା ବିଷୟରେ ବଖାଣିଥିଲେ। ଓଡ଼ିଶାରେ ସିଲେଇ ଶିଖୁଥିବା ଯୁବତୀଙ୍କୁ ସମୁଦାୟ ଶାର୍ଟଟିଏ କରିବା ଲାଗି ସମ୍ପୂର୍ଣ୍ଣ ତାଲିମ ଦିଆଯାଇପାରୁ ନ ଥିବାରୁ ପରବର୍ତ୍ତୀ ସମୟରେ ସେ କିଭଳି ଅସହାୟ ହୋଇପଡୁଛନ୍ତି ତାହା ଦର୍ଶାଇଛନ୍ତି।

ଲେଖକ ପ୍ରଦୀପ ବଲାଙ୍ଗୀର ଜିଲାରେ ୨୦୦୯ରେ ଝିଣ୍ଟୁ ବରିହାଙ୍କ ପରିବାରର ଅନାହାର ମୃତ୍ୟୁକୁ ପ୍ରଥମେ 'ଧରିତ୍ରୀ' ପ୍ରକାଶ କରିଥିଲା ବୋଲି କହିଥିଲେ। କିନ୍ତୁ ପରେ ଏହି ଘଟଣାକୁ ମ୍ୟାଲେରିଆ ରୋଗରେ ମୃତ୍ୟୁ ଘଟିଥିବା ଅନ୍ୟାନ୍ୟ ଗଣମାଧ୍ୟମ ଓ ସରକାର ଘୋଷଣା କରିଥିଲେ ବୋଲି କହିଥିଲେ। ତେଣୁ ଏହିଭଳି ଅନେକ ଘଟଣାକୁ ଠିକ୍ ଭାବେ ଅନୁସନ୍ଧାନ କରି ପ୍ରକୃତ ଖବର କିଭଳି ଜାଣିହେବ ସେ ନେଇ ଏହି ପୁସ୍ତକ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ। ସାମ୍ବାଦିକ ଅକ୍ଷୟ ସାହୁ ମଞ୍ଚ ପରିଚାଳନା କରିବା ବେଳେ ଏ ଦିଗରେ ଗଣମାଧ୍ୟମର ଭୂମିକା ନେଇ କିଛି ତଥ୍ୟ ରଖିଥିଲେ। ତେବେ କିଛି ଖବରକାଗଜରେ କୋଭିଡ୍ ତଥ୍ୟକୁ ନେଇ ମତ ଦେବା ବେଳେ ଦର୍ଶକଙ୍କ ମଧ୍ୟରୁ ତାଙ୍କୁ ଅନ୍ୟ ଗଣମାଧ୍ୟମର ବାସ୍ତବ ସ୍ଥିତି ବାଢ଼ନ୍ତୁ ବୋଲି ସୂଚାଇ ଦିଆଯାଇଥିଲା। ତେବେ ପୁସ୍ତକ ଉନ୍ମୋଚନ ଓ ପରେ ପ୍ୟାନେଲ ଆଲୋଚନା ଏକ ସକାରାତ୍ମକ ଦିଗରେ ହୋଇଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସନ୍ଦୀପ ପଟ୍ଟନାୟକ ଓ ଅଶୋକ ଦାସ ଉପସ୍ଥିତ ଥିଲେ।

# ଶେଖର ପ୍ରଥମ, ମନସ୍ୱିନୀ ଦ୍ୱିତୀୟ



### ଅଲ୍ ଇଣ୍ଡିଆ ବୋର୍ଡ ସେଲିଂ ଚାମ୍ପିୟନଶିପ୍

କଟକ ଅଫିସ, ୨୪।୪

ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି କଟକର ଯୁବକ ଡି. ଶେଖର ରାଓ। ରବିବାର ଗୋଆରେ ଆୟୋଜିତ ଅଲ୍ ଇଣ୍ଡିଆ ବୋର୍ଡ ସେଲିଂ ଚାମ୍ପିୟନଶିପ୍‌ରେ ସେ ପ୍ରଥମ ପୁରସ୍କାର ହାସଲ କରିଛନ୍ତି। ଏଥିରେ ଗଞ୍ଜାମର ମନସ୍ୱିନୀ ମହାରଣା ଦ୍ୱିତୀୟ ହୋଇଛନ୍ତି। ସୂଚନାଯୋଗ୍ୟ, କଟକ ମଙ୍ଗଳାବାଗ ମଲାସାହି ଅଞ୍ଚଳରେ ରହୁଥିବା ଡି.ରାମାନା ରାଓ ଓ ଡି. ଈଶ୍ୱରୀଙ୍କ ପୁଅ ଶେଖର। ସେ ଏସସିବି ମେଡିକାଲ ଅଞ୍ଚଳରେ ଏକ ଚା' ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ଏଥିରୁ ସମୟ ବାହାର କରି ସେ ବୋଟ୍‌ଚାଳନା ପ୍ରଶିକ୍ଷଣ ନେଇଥାନ୍ତି। ସେ ଡ. ସବିର ବକ୍ସଙ୍କ ଓଡ଼ିଶା ୟାଚିଂ ଆସୋସିଏଶନ ପକ୍ଷରୁ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ସମୁଦ୍ର ଭିତରକୁ ୧୫ କିମି ଯାଇ ତାଙ୍କୁ ଉଇଣ୍ଡ ସର୍ଫିଙ୍ଗ ବୋଟ ଚାଳନା କରିବାକୁ ପଡିଥିଲା। ଦେଶର ବିଭିନ୍ନ ରାଜ୍ୟରୁ ବହୁ ପ୍ରତିଯୋଗୀ ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ଏହି ସଫଳତାର ଶ୍ରେୟ ଶେଖର ତାଙ୍କ ଗୁରୁ ସବିର ବକ୍ସଙ୍କୁ ଦେଇଛନ୍ତି। କେବଳ ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

# 'ସଂଗ୍ରାମୀ ଭାଗୀରଥି ଥିଲେ ଉତ୍କଳର ଭଗୀରଥ'



ଉତ୍ସବରେ ସିଏମ୍‌ସି ମେୟର ସୁବାସ ସିଂ ବକ୍ତବ୍ୟ ଦେଉଛନ୍ତି।

### ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ଜୟନ୍ତୀ

କଟକ ଅଫିସ, ୨୪।୪

ଭାଗୀରଥି ମହାପାତ୍ର ଜଣେ ସ୍ୱାଧୀନତା ସଂଗ୍ରାମୀ ସହ ବାସ୍ତବବାଦୀ ମଣିଷ ଥିଲେ। ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଓ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ସହ କାର୍ଯ୍ୟ କରି ସେ ଯେଉଁ ଆଦର୍ଶ ସୃଷ୍ଟିକରିଛନ୍ତି, ତାହା ବିରଳ। ସେ ଥିଲେ ଉତ୍କଳର ଭଗୀରଥ। ତାଙ୍କର ତ୍ୟାଗ ଓ ଦେଶପ୍ରୀତିର ପଟ୍ଟାନ୍ତର ନାହିଁ ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ କହିଛନ୍ତି। କଟକ ସ୍ୱରାଜ ଆଶ୍ରମଠାରେ ରବିବାର ଅନୁଷ୍ଠିତ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ୧୩୦ତମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମେୟର ସିଂ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଇଂ. ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ମଧୁସୂଦନ ପାଢ଼ୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଭାଗୀରଥିଙ୍କ ତ୍ୟାଗପୂତ ଜୀବନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ମୁଖ୍ୟବକ୍ତା ବିଶିଷ୍ଟ ଗାନ୍ଧିବାଦୀ ପ୍ରହ୍ଲାଦ ସିଂହ କହିଥିଲେ, ଭାଗୀରଥି ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମରେ ଜୀବନର ଶେଷ ପର୍ଯ୍ୟନ୍ତ ନିଜକୁ ନିୟୋଜିତ କରି ରଖିଥିଲେ। ଏହି ଅବସରରେ ଶତାୟୁ ସଂଗ୍ରାମୀ ନିଶାକର ଦାସଙ୍କୁ ଭାଗିରଥୀ ମହାପାତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ବିପ୍ଳବ ଚୌଧୁରୀ ଓ ବନଜ୍ୟୋତ୍ସ୍ନା ମହାପାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଶଶିଭୂଷଣ ଦାସ, ଭାଗିରଥୀ ମହାପାତ୍ରଙ୍କ ନାତି ଲକ୍ଷ୍ମୀପ୍ରକାଶ ମହାପାତ୍ର, ଟ୍ରଷ୍ଟି ଜ୍ଞାନରଞ୍ଜନ ସାମନ୍ତରାୟ, ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ପ୍ରଶାନ୍ତ ଦାସ, କେଦାରନାଥ ବେହେରା, ମାନସ ପଟ୍ଟନାୟକ, ଅନିମା ରାୟ, ଆଇନଜୀବୀ ସୁସ୍ମିତା ପଟ୍ଟନାୟକ, ଅସିତ୍ ଜେନା, ଅକ୍ଷୟ ବେହେରା, ପ୍ରଦୀପ ସାହୁ, ଗୀତାଞ୍ଜଳି ପଣ୍ଡା, ପ୍ରସନ୍ନ ମହାପାତ୍ର, ଗୋପାଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଡମପଡ଼ା ଚନ୍ଦକା ଅଭୟାରଣ୍ୟରେ ଅଗ୍ନିକାଣ୍ଡ

ବାଙ୍କୀ, ୨୪।୪ (ସ୍ୱ.ପ୍ର.)

ବାଙ୍କୀ ବ୍ଲକ ବାଆଁରା ଗ୍ରାମ ପଞ୍ଚାୟତର ଡାଳଖାଇ ନିକଟ ଅଭୟାରଣ୍ୟରେ ଶନିବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ନିଆଁ ଲଗେଇ ଦେଇଛନ୍ତି। ଫଳରେ ବହୁ ମୂଲ୍ୟବାନ ଗଛ ଜଳିଯାଇଛି। ଏଥିରେ ଜଙ୍ଗଲି ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଖବରପାଇ ବନବିଭାଗ କର୍ମଚାରୀ ଓ ଡମପଡ଼ା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ

### ବିବାହ ଟେଣ୍ଟ କାମ ବେଳେ ଦୁର୍ଘଟଣା ହୋଇଥିଲା

ସାଲେପୁର, ୨୪।୪(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅନ୍ତର୍ଗତ ଗଙ୍ଗେଶ୍ୱର ଗ୍ରାମରେ ବିବାହ ଉତ୍ସବ ନିମନ୍ତେ ଟେଣ୍ଟରେ ଲାଇଟ୍ ଲଗାଉଥିବାବେଳେ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ ଅନ୍ତର୍ଗତ ସିଡ଼ୋ ଗ୍ରାମର ବିକାଶ ସ୍ୱାଇଁ(୨୦)। ସେ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ କରମୁଆଁସ୍ଥିତ ବାବା ଆଖଣ୍ଡଳମଣି ଟେଣ୍ଟ ହାଉସରେ କାମ କରୁଥିଲେ। ଅପରାହ୍ନରେ ଗଙ୍ଗେଶ୍ୱରଠାରେ ଚାଲିଥିବା ବିବାହ ଉତ୍ସବରେ ଟେଣ୍ଟ ବାନ୍ଧିବା ସହ ଆଲୋକୀକରଣ କରିବାକୁ ଆସିଥିଲେ। ଏହି ସମୟରେ ବିଦ୍ୟୁତ୍ ସଂସର୍ଶରେ ଆସିବାରୁ ସେ ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିକାଶଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବରପାଇ ସାଲେପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ସାଲେପୁର ଥାନାରେ ଅପମୃତ୍ୟୁ ମାମଲା (ନଂ. ୮/୨୨) ରୁଜୁ ହୋଇଛି। ଏନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।

### ବନ୍ଦ ହୋଇଥିବା ୨ ଟ୍ରେନ୍ ପୁନଃ ଚଳାଚଳ ଦାବି

ଚୌଦ୍ୱାର,୨୪।୪(ଡି.ଏନ୍.ଏ.)

ବିଭିନ୍ନ କାର୍ଯ୍ୟ ପାଇଁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର ଲୋକମାନେ ତାଳଚେର-ପୁରୀ ଓ ପୁରୀ-ରାଉରକେଲା ଡିଏମ୍‌ୟୁ ଟ୍ରେନ୍ ଉପରେ ନିର୍ଭର କରିଥାନ୍ତି। ହେଲେ ଏହି ଟ୍ରେନ୍ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ଟ୍ରେନ୍ ପୁନଃ ଚଳାଚଳ ପାଇଁ ଦାବି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କରୋନା ମହାମାରୀ ପାଇଁ ୨୦୨୦ ମସିହାରୁ ଏହି ଦୁଇ ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଶ୍ରମଜୀବୀମାନେ ଯାତାୟତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କରୋନା ପ୍ରକୋପ କମିବା ପରେ ସରକାର ବିଭିନ୍ନ କଟକଣା ଉଠାଇଦେବା ସହ ବହୁ ଟ୍ରେନ୍ ଚଳାଚଳ କରାଇଥିଲେ। ହେଲେ ଏପର୍ଯ୍ୟନ୍ତ ଏହି ଦୁଇ ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ତୁରନ୍ତ ଏହି ଟ୍ରେନ୍ ପୁନଃ ଚଳାଚଳ ପାଇଁ ଯାତ୍ରୀଙ୍କ ପକ୍ଷରୁ ରେଳ ବିଭାଗକୁ ଲିଖିତ ଭାବେ ଜଣାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ। ଏ ନେଇ ରବିବାର ଶାଳଗାଁ ଷ୍ଟେଶନରେ ଆୟୋଜିତ ପ୍ରତିବାଦ ସଭାରେ ବହୁସଂଖ୍ୟକ ଯାତ୍ରୀ ଏକତ୍ରିତ ହୋଇ ତୁରନ୍ତ ଉକ୍ତ ଟ୍ରେନ୍ ଚଳାଚଳ ପାଇଁ ଦାବି କରିଥିଲେ। ଆଗାମୀ ୧ ମାସ ମଧ୍ୟରେ ଉକ୍ତ ଟ୍ରେନ ଚଳାଚଳ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଶାରଦା ପ୍ରସାଦ ଶତପଥୀ, ରମେଶ ବେହେରା, କୈଳାସ ଚନ୍ଦ୍ର ସ୍ୱାଇଁ, ଗୁଟୁ କାନୁନ୍‌ଗୋ, ଭାଗବତ ବେହେରା ଓ ବଲ୍ଲଭ ସ୍ୱାଇଁ ପ୍ରମୁଖ ଯାତ୍ରୀ ଚେତାବନୀ ଦେଇଛନ୍ତି।

# ବିଦ୍ୟୁତ୍ ବିତରଣ ସଂସ୍ଥାର ମନମୁଖି କାର୍ଯ୍ୟକୁ ବିରୋଧ

ଚୌଦ୍ୱାର,୨୪।୪(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ଥିବା ଏକ ବିଦ୍ୟୁତ୍ ବିତରଣକାରୀ ସଂସ୍ଥାର ମୁନମୁଖି କାର୍ଯ୍ୟକୁ ନେଇ ଉପଭୋକ୍ତାମାନେ ବିରୋଧ କରିଛନ୍ତି। ଉକ୍ତ ସଂସ୍ଥାର କର୍ମଚାରୀମାନେ ବିଦ୍ୟୁତ୍ ବିଲ୍ ଆଦାୟ ଆଳରେ ଉପଭୋକ୍ତାଙ୍କ ଉପରେ ଜୁଲମ କରୁଛନ୍ତି। ଲୋ-ଭୋଲଟେଜ୍ ସମସ୍ୟା ଓ ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଚୌଦ୍ୱାର ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଆଗ୍ରାହାଟ କଲ୍ୟାଣ ମଣ୍ଡପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରମୋଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପଭୋକ୍ତା ମଞ୍ଚର ସଭାପତି ଜୟ ସିଂ, ସମ୍ପାଦକ ବିଷ୍ଣୁ ଚରଣ ସାହୁ, ଧନେଶ୍ୱର ସାହୁ, ମୁନା ରାଉତ, ପ୍ରଦୀପ୍ତ ବେହେରା, ପବିତ୍ର ମୋହନ ପଣ୍ଡା, ହୃଷୀକେଶ ରାଉତ, ଲୋକନାଥ ମାଝୀ, ସିପିଆଇ ନେତା ବଦ୍ରୀ ନାରାୟଣ ଦାସ ପ୍ରମୁଖ ଯୋଗଦେଇ ଉକ୍ତ ସଂସ୍ଥାର ମନମୁଖୀ କାର୍ଯ୍ୟକୁ ବିରୋଧ କରିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଉପଭୋକ୍ତାମାନେ ଚେତାବନୀ ଦେଇଛନ୍ତି।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ମାହାଙ୍ଗା, ୨୪।୪(ସ୍ୱ.ପ୍ର.)

ମାହାଙ୍ଗା ଥାନା ଅଞ୍ଚଳର ଜଣେ ଦଳିତ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ନେଇ ଶନିବାର ରାତିରେ ଅଭିଯୋଗ ହୋଇଛି । ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ସେ ସନ୍ଧ୍ୟାରେ ଗ୍ରାମଦେବତୀଙ୍କ ପୀଠରୁ ସନ୍ଧ୍ୟା ଆଳତି ସାରି ଘରକୁ ଫେରୁଥିବାବେଳେ ସ୍ଥାନୀୟ ଅଞ୍ଚଳର ପୂର୍ବତନ ସମିତିସଭ୍ୟ ରୁଦ୍ର ନାରାୟଣ ସିଂହ ତାଙ୍କ ଚୁଟିକୁ ଧରି ଧକ୍କା ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜାତିଆଣ ଆକ୍ଷେପ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୮୮/୨୦୨୨) ରୁଜୁ ହୋଇଛି। ଅପରପକ୍ଷେ ରୁଦ୍ରଙ୍କ ପକ୍ଷରୁ ଥାନାରେ ଏକ ପାଲଟା ଅଭିଯୋଗ ହୋଇଥିବା ପୋଲିସ କହିଛି।

# ସଦ୍‌ଗୁରୁ ହସ୍ପିଟାଲରେ ଶ୍ରୀ ଶ୍ରୀ ଶଙ୍କର ଭାରତୀ ମହାରାଜ



କଟକ,୨୪।୪

ଓଡ଼ିଶା ଗସ୍ତରେ ଆସିଥିବା ପରମପୂଜ୍ୟ ଶ୍ରୀ ଶ୍ରୀ ଶଙ୍କର ଭାରତୀ ମହାସ୍ୱାମୀ ମହାରାଜ ରବିବାର ସ୍ଥାନୀୟ ସଦ୍‌ଗୁରୁ ହସ୍ପିଟାଲ ଗସ୍ତରେ ଆସିଥିଲେ। ମହାରାଜ ଏକ କାର୍ଯ୍ୟକ୍ରମରେ କଟକ ଗସ୍ତରେ ଆସି ହସ୍ପିଟାଲ ପରିସରରେ କିଛି ସମୟ ଅତିବାହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ମହାନ୍ତି ଓ ତାଙ୍କ ପରିବାର ସମେତ ହସ୍ପିଟାଲର କର୍ମଚାରୀମାନେ ମହାରାଜଙ୍କୁ ଭେଟି ଆଶୀର୍ବାଦ ଭିକ୍ଷା କରିଥିଲେ। ଯାଦାଥୋର ମଠର ଶ୍ରୀ ଶ୍ରୀ ଶଙ୍କର ଭାରତୀ ମହାସ୍ୱାମୀ ମହାରାଜ ଓ ତାଙ୍କ ସେବକଙ୍କୁ ରୀତିନୀତି ଅନୁସାରେ ମେଡିକାଲ ପରିସରକୁ ସ୍ୱାଗତ କରାଯାଇଥିଲା। ଉଭୟ ହସ୍ପିଟାଲ ପରିସରରେ କିଛି ସମୟ ଅତିବାହିତ କରିବା ପରେ ମହାରାଜ ସମ୍ପୂର୍ଣ୍ଣ ମେଡିକାଲ ପରିସର ପରିଦର୍ଶନ କରିଥିଲେ। ଏହା ପରେ ଡାକ୍ତର ପ୍ରଦୀପ କୁମାର ମହାନ୍ତି, ଡାକ୍ତର ସମିତା ମହାନ୍ତି, ନୋବିନା ବୋଥାଲୁ ମହାନ୍ତି ଓ ଡାକ୍ତର ସୁଲଗ୍ନା ମହାନ୍ତିଙ୍କ ସହ ମହାରାଜା ଓ ତାଙ୍କ ସେବକମାନେ ଆଲୋଚନା କରିଥିଲେ। ସେହିଭଳି ହସ୍ପିଟାଲରେ ରୋଗୀ ସେବା ସହ ମେଡିକାଲ ପରିସରରେ ରହିଥିବା ସମସ୍ତ ବିଭାଗ ସମ୍ପର୍କରେ ମହାରାଜଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ସଦ୍‌ଗୁରୁ ହସ୍ପିଟାଲର କର୍କଟ କେନ୍ଦ୍ର ପାଇଁ ଜାରି ରହିଥିବା କାର୍ଯ୍ୟକୁ ମହାରାଜ ଜାଣିବା ପରେ ଅତ୍ୟନ୍ତ ଖୁସି ପ୍ରକଟ କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରର କର୍କଟ ରୋଗୀଙ୍କୁ ମେଡିକାଲ ପକ୍ଷରୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଅଧିକ ଚିକିତ୍ସାଳୟର ଆବଶ୍ୟକତା ରହିଛି। ତେଣୁ ସଦ୍‌ଗୁରୁ ହସ୍ପିଟାଲର ଉକ୍ତ ସେବାକୁ ଖୁବଶୀଘ୍ର ଯୋଗାଇବାକୁ ଯାଉଥିବାରୁ ଭାରତୀ ମହାରାଜ ସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ହସ୍ପିଟାଲ ପରିସରରେ ରହିଥିବା କର୍ମଚାରୀଙ୍କ ସହ ପରିଚୟ ପ୍ରଦାନ ସ୍ୱରୂପ ସେମାନଙ୍କୁ ମଧ୍ୟ ଆଶୀର୍ବାଦ ପ୍ରଦାନ କରିଥିଲେ।



କଟକ କଚେରି ରୋଡ ପାର୍ଶ୍ୱରେ ଜଣେ ବ୍ୟବସାୟୀ ବିକ୍ରି ପାଇଁ ଟୋପିଗୁଡିକ ସଜେଇ ରଖିଛନ୍ତି।




କଟକ ଶତାବ୍ଦୀ ଭବନରେ ରବିବାର ଅନୁଷ୍ଠିତ ଓଡ଼ିଆ ଗୀତିକବି ସମାଜର ବାର୍ଷିକ ଅଧିବେଶନରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।



କଟକ ଚାନ୍ଦିନୀଚୌକସ୍ଥିତ ଏକ ମଣ୍ଡପ ସମ୍ମିଳନୀ କକ୍ଷରେ କମିଶନରେଟ୍ ପୋଲିସ ପକ୍ଷରୁ ରବିବାର ଅନୁଷ୍ଠିତ ଇଦୁଲ ଫିତର ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।